# ଶୃଙ୍ଖଳିତ ନିର୍ବାଚନ ପାଇଁ ପ୍ରଶାସନର ଅନୁରୋଧ

**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି)**

ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀରେ ଆସନ୍ତା ୨୫ରେ ଓ ନିମାପଡ଼ା, କାକଟପୁର ନିର୍ବାଚନମଣ୍ଡଳୀରେ ଜୁନ ୧ରେ ମତଦାନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟରମାନେ ସେମାନଙ୍କ ନିର୍ଦ୍ଧାରିତ ବୁଥ୍‌ରେ ମତଦାନ କରିବେ। ଏହି ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ଏଥିରେ ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ସହଯୋଗ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ପ୍ରକାଶ ଖେମନର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ଓ ଏସ୍‌ପି ପିନାକ ମିଶ୍ର ଅନୁରୋଧ କରିଛନ୍ତି। ମଙ୍ଗଳବାର ସର୍କିଟ ହାଉସ୍‌ଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସ୍ୱାଇଁ ଜିଲାରେ



ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ଜିଲାପାଳ ଓ ପର୍ଯ୍ୟବେକ୍ଷକ ବୈଠକରେ ଆଲୋଚନା କରୁଛନ୍ତି।

ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ଲାଗି ସମସ୍ତ ବ୍ୟବସ୍ଥା ପ୍ରାର୍ଥୀ ଓ ପ୍ରତିନିଧିଙ୍କ ଉପସ୍ଥିତି, ସହଯୋଗ ଓ ସହମତିରେ ଗ୍ରହଣ କରାଯାଇଛି। ତେଣୁ ପ୍ରାର୍ଥୀ ଓ ପ୍ରତିନିଧିମାନେ ନିର୍ବାଚନ ପୂର୍ବ, ନିର୍ବାଚନ ଦିନ ଓ ନିର୍ବାଚନ ପରବର୍ତ୍ତୀ ସମୟରେ ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପର୍ଯ୍ୟବେକ୍ଷକମାନେ ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କୁ କୌଣସିଠାରେ ଯଦି ନିର୍ବାଚନ ସମ୍ପର୍କୀୟ ସମସ୍ୟା ବା ଅଭିଯୋଗ ରହୁଛି, ତେବେ ସେମାନଙ୍କୁ ସେମାନଙ୍କ ପ୍ରଦତ୍ତ ନମ୍ବର, ଅଭିଯୋଗ ପ୍ରକୋଷ୍ଠ, ଏଫ୍‌ଏସ୍‌ଟି, ଏସ୍‌ଏସ୍‌ଟିକୁ ଅବଗତ କରାଇବା ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସହଯୋଗର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠ ନଂ. ୧୯୫୦, ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ଖେମନରଙ୍କ ଯୋଗାଯୋଗ ନଂ. ୭୭୫୨୦୪୮୧୯୬, ଖର୍ଚ୍ଚ ପର୍ଯ୍ୟବେକ୍ଷକ ମିଶ୍ରଙ୍କ ଯୋଗାଯୋଗ ନଂ. ୮୪୮୦୬୯୨୦୫, ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂଙ୍କ ଯୋଗାଯୋଗ ନଂ. ୮୪୮୦୮୬୯୩୫୨ ରହିଛି। ସେହିପରି ପୁରୀ ଲୋକ ସଭା ନିର୍ବାଚନ ପାଇଁ ନିଯୁକ୍ତ ଏଆର୍‌ଓ ବା ସହକାରୀ ରିର୍ଟର୍ନିଂ ଅଫିସର ପୁରୀ ସଦର ନିର୍ବାଚନମଣ୍ଡଳୀ ନିମିତ୍ତ ପୁରୀ ଉପଜିଲାପାଳଙ୍କୁ ୭୬୮୨୯୯୧୬୪୬, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପାଇଁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୯୪୩୯୭୦୫୭୯୦, ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କୁ ୯୪୩୭୭୧୩୩୮୬, ପିପିଲି ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଉପଜିଲାପାଳଙ୍କୁ ୭୨୦୫୦୪୬୯୦୮, ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ ୯୪୩୭୪୬୧୯୪୭, ରଣପୁର ନିର୍ବାଚନମଣ୍ଡଳୀ ପାଇଁ ନୟାଗଡ଼ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ ୯୪୩୮୧୭୧୪୦୬ ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଉପଜିଲାପାଳ ନୟାଗଡ଼ଙ୍କୁ ୮୨୪୯୧୨୯୩୯୩ ନମ୍ବରରେ ଅଭିଯୋଗ କରାଯାଇ ପାରିବ। ଏସ୍‌ପି ମିଶ୍ର ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ପ୍ରାର୍ଥୀ, ପ୍ରତିନିଧି ଓ କର୍ମୀମାନେ ଶୃଙ୍ଖଳିତ ଭାବେ ନିର୍ବାଚନରେ ସାମିଲ ହୋଇ ଜିଲାର ସମ୍ମାନ ରଖିବାକୁ ଅନୁରୋଧ କରିଥିଲେ। ସମସ୍ତ ମତଦାନ କେନ୍ଦ୍ର ଓ ଗଣତି କେନ୍ଦ୍ର ପାଇଁ ଏଜେଣ୍ଟ ଦେବା, ଇଭିଏମ୍ ଷ୍ଟ୍ରଙ୍ଗ ରୁମ ଖୋଲା ସମୟରେ ପ୍ରାର୍ଥୀ ବା ପ୍ରତିନିଧି ଉପସ୍ଥିତ ରହିବାକୁ ଅବଗତ କରାଯାଇଥିଲା। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୩ ତାରିଖରେ ପୁଲିଂ ପାର୍ଟିକୁ ବୁଥ୍‌ଗୁଡ଼ିକୁ ପ୍ରେରଣ କରାଯିବ। ପୁରୀ, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ୨୪ ତାରିଖରେ ପୁଲିଂ ପାର୍ଟିକୁ ବୁଥ୍‌ଗୁଡ଼ିକୁ ପ୍ରେରଣ କରାଯିବ। ଭୋଟ କେନ୍ଦ୍ର ମଧ୍ୟକୁ କେବଳ ଭୋଟର ଓ ଇସିଆଇ ଅଧିକୃତ ଅଧିକାରୀମାନେ ଯାଇପାରିବେ। ପ୍ରାର୍ଥୀ, ପ୍ରତିନିଧି ବା ଅନ୍ୟ କେହି ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ଭୋଟରଙ୍କୁ ଭୋଟ ପାଇଁ ପ୍ରଚାର ବା ପ୍ରଭାବିତ କରିପାରିବେ ନାହିଁ ବୋଲି ଜିଲାପାଳ ଓ ପର୍ଯ୍ୟବେକ୍ଷକ ସ୍ପଷ୍ଟ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ ପଣ୍ଡା ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ।

## ରଥଖଳାରୁ...

### ୩ ରଥର ତୁମ୍ବରେ ପନ୍ଦାରି ଗାଡ଼ ଖୋଦେଇ ଜାରି



**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ରଥାରୂଢ଼ ହୋଇ ଜନ୍ମବେଦୀଙ୍କୁ ଯାତ୍ରା କରିବେ। ଏଥିନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ବିଶ୍ୱକର୍ମା ମହାରଣାମାନେ ରଥ ତିଆରି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସୋମବାର ୩ ରଥର ୪୨ ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇ ଉଭୟ ପାର୍ଶ୍ୱରେ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ପନ୍ଦାରି ବଳା ଆସିବା ପାଇଁ ୩ ରଥର ମହାରଣା ସେବକମାନେ ନିହାଣରେ ଗୋଲାକାର ଗାଡ଼ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ବୁଧବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ମହାପ୍ରଭୁ ଶ୍ରୀ ନୃସିଂହ ଦେବଙ୍କ ଜନ୍ମତିଥିରେ ଗୁଜ ଅନୁକୂଳ ପୂଜା ଅନୁଷ୍ଠିତ ହେବ। ଏଥିସହ ଅରକଣ୍ଟା ଅନୁକୂଳ, ଅରଭୁଞ୍ଜା ଅନୁକୂଳ ଏବଂ ଜନ୍ତା ପଟାରେ ବିନ୍ଧ ଅନୁକୂଳ ପୂଜା ୩ ରଥର ମୁଖ୍ୟ ମହାରଣା ସେବକମାନଙ୍କ ଦ୍ୱାରା ପରମ୍ପରା ଅନୁସାରେ ଅନୁଷ୍ଠିତ ହେବ। ସେଥିପାଇଁ ରଥ ଅମୀନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ଗୁଜ, କୁତୁକା ଏବଂ ଜଳଯନ୍ତ୍ର ନିର୍ମାଣ ପାଇଁ ପ୍ରଥମ ଦଫାରେ ୧୦ ଗୋଟି ଲେଖାଏଁ ୧୨ ଫୁଟିଆ ଧଉରା ଏବଂ ଅସନ ଗୋଟା କାଠ ଯୋଗାଇଛନ୍ତି। ଏଥିସହ ୩ ରଥର ୨ଟି ନାହାକା ଚକାର ଅର ନିର୍ମାଣ ପାଇଁ ୩ ରଥ ଚାଳିକୁ ୧୧ଟି ଲେଖାଏଁ ୧୨ ଫୁଟିଆ ଅରପଟା ଯୋଗାଇଛନ୍ତି। ସେହିପରି ପ୍ରତ୍ୟେକ ଚାଳିକୁ ୭ଟି ଲେଖାଏଁ ଚକ ନିର୍ମାଣ ପାଇଁ ପ୍ରଥମ ଦଫା ପଇ ଯୋଗାଇ ଦେଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପନ୍ଦାରି ବଳା ପୋଡ଼ା କାର୍ଯ୍ୟ ମଠାକାର୍ଯ୍ୟ ଜାରି ରଖିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୫।୨୦୨୪

| ୪,୪୧,୫୧୬ ଟଙ୍କା | |
|---|---|
| ସୁନା | ୨୫ ଗ୍ରାମ୍ |
| ରୁପା | ୧୯.୩୦୦ଗ୍ରାମ୍ |



ଏଆଇସିସି ମୁଖପାତ୍ର ପବନ ଖେର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି)**

କାକଟପୁର ଓ ନିମାପଡ଼ା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଏଚ୍. ଜେ. ଦେଶାଇ ମଙ୍ଗଳବାର କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଦେଶାଇ ଅସ୍ତରଙ୍ଗ ବ୍ଲକର ସରକାରୀ ନୋଡାଲ ସ୍କୁଲ ଅସ୍ତରଙ୍ଗ, ପାଟଳଦା ନୋଡାଲ ହାଇସ୍କୁଲ ଅସ୍ତରଙ୍ଗ, ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର, କାକଟପୁର ବ୍ଲକର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଭୋଟରଙ୍କ ପାଇଁ ବିବିଧ ମୌଳିକ ସୁବିଧାର ଅନୁଧ୍ୟାନ କରିଥିଲେ। ସେହିପରି ମଡେଲ ବା ଆଦର୍ଶ ବୁଥ୍‌କୁ ମଧ୍ୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଥା ପର୍ଯ୍ୟବେକ୍ଷକଙ୍କ ଲିଆଶନିଙ୍ଗ ଅଫିସର ମନୋଜ କୁମାର ତ୍ରିପାଠୀ ଓ ସମ୍ପୃକ୍ତ ସମସ୍ତ ବୁଥ୍‌ର ବିଏଲ୍‌ଓମାନେ ଉପସ୍ଥିତ ଥିଲେ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ

**ପୁରୀ, ୨୧।୫(ଅଜିତ୍ କୁମାର ମହାନ୍ତି):**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପୁରୀରେ ରାଜନୈତିକ ଉଷ୍ମତା ସରଗରମ ହେବାରେ ଲାଗିଛି। ମତଦାତାଙ୍କୁ ନିଜ ଆଡକୁ ଆଣିବା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଘନ ଘନ ପ୍ରଚାର ସହ ରୋଡ୍ ଶୋ' ଜାରି ରହିଛି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀରେ ରୋଡ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ସନ୍ଧ୍ୟାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଆସି ବଡ଼ଦାଣ୍ଡରେ ରୋଡ ଶୋ' କରି ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପୁରୀ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ପ୍ରତ୍ୟକ୍ଷ ଭାବରେ ପ୍ରଚାର କରିବା ନିମନ୍ତେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ ପୁରୀରେ ପହଞ୍ଚି ନିର୍ବାଚନୀ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନ ପ୍ରାୟ ୧୨ ଟା ୩୦ ମିନିଟ୍ ସମୟରେ ନୟାଗଡ଼ର ଅସ୍ଥାୟୀ ହେଲିପ୍ୟାଡରୁ ହେଲିକପ୍ଟର ଯୋଗେ ପୁରୀ ତାଳବଣିଆସ୍ଥିତ ହେଲିପ୍ୟାଡଠାରେ ୧୨ଟା ୫୦ରେ ପହଞ୍ଚିବେ। ସେଠାରୁ ତାଳବଣିଆଠାରେ ହେବାକୁ ଥିବା ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଜନ ସାଧାରଣଙ୍କୁ ସମ୍ବୋଧିତ କରିବେ। କାର୍ଯ୍ୟକ୍ରମ ସାରି ଦିନ ୧ ଟା ୪୦ରେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଜେଡିର ବାଇକ୍ ରାଲି

**ଯୋଗେଶ୍ୱରପୁର,୨୧।୫(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଧୀନ ଦେଓ୍ୱଳୀ ପଞ୍ଚାୟତରେ କାକଟପୁର ନିର୍ବାଚନମଣ୍ଡଳୀର ବିଜେଡି ଯୁବନେତା ମକରଧ୍ୱଜ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଦେଓ୍ୱଳୀ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ପଞ୍ଚାୟତରେ ଦେଓ୍ୱଳୀ, ଓଟର, ସିମୁଳି, ଶାସନ, ଦୁର୍ଗେଶ୍ୱରଗଡ଼, ଧୂଳିଆ ଠେଙ୍ଗ, ଭାରଗୋଳ ପ୍ରମୁଖ ଗ୍ରାମରେ ପରିକ୍ରମା କରିଥିଲା। ଏହି ପରିକ୍ରମାରେ ଦେଓ୍ୱଳୀ ପଞ୍ଚାୟତ ସରପଞ୍ଚ ରିଙ୍କି ସ୍ୱାଇଁ, ସଭାପତି ସନାତନ ରଥ, ୧୪ନଂ. ଜିଲା ପରିଷଦ ସଭ୍ୟା ସାଗରିକା ନାୟକ, ଯୁବନେତା ତଥା ପୂର୍ବତନ ଜିଲା ପରିଷଦ ଜ୍ୟୋତିରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ମୋହିନୀ ନାୟକ, ସୁଦର୍ଶନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ମନୋଜଙ୍କ ଭୋଟ ଭିକ୍ଷା

**କଣାସ,୨୧।୫(ବିଭୂତି ଭୂଷଣ ତ୍ରିପାଠୀ)**

ସତ୍ୟବାଦୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋଜ କୁମାର ରଥ ମଙ୍ଗଳବାର ତାଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସେ ଅନେକ ସମର୍ଥକଙ୍କ ସହିତ ସତ୍ୟବାଦୀ ଓ କଣାସ ବ୍ଲକର ସମସ୍ତ ପଞ୍ଚାୟତ ବୁଲି ଭୋଟରଙ୍କୁ ଭେଟି ରାହୁଲ ଗାନ୍ଧୀଙ୍କ ୫ ଦଫା ତଥ୍ୟ ସମ୍ପର୍କରେ ବୁଝାଇଥିଲେ। ସମସ୍ତଙ୍କୁ ହାତଚିହ୍ନରେ ଭୋଟ ଦେଇ ତାଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

## ସମୀର ଦାଶଙ୍କ ନେତୃତ୍ୱରେ ଭାଜପାରେ ମିଶିଲେ ବିଜେଡି କର୍ମୀ

**ଗୋପ,୨୧।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଗୋପ ବ୍ଲକ ଅନ୍ତର୍ଗତ ପୟରା, ଗୋପ ପଞ୍ଚାୟତର ଅନେକ କର୍ମୀ ବିଜେଡି ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ସମୀର ରଞ୍ଜନ ଦାଶ, ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ମଙ୍ଗଳବାର ରାତ୍ର ସାଢ଼େ ନଅଟା ସମୟରେ ଅନୁଷ୍ଠିତ ହୋଇଥିଲା। ଗୋପ ବ୍ଲକ ଅଧୀନ ଗୋପ ସରପଞ୍ଚ ସୁଲୋଚନା ଦାସ ଓ ପୟରା ସରପଞ୍ଚ ସୁମନ୍ତ ନାୟକଙ୍କ ନେତୃତ୍ୱରେ ଅନେକ ବିଜେଡି କର୍ମୀଙ୍କୁ ସମୀର ଓ ପରିଡ଼ା, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ସମୀର ଚଳିତ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ବିଜୟୀ କରାଇବୁ ବୋଲି ମତ ରଖିଥିଲେ।

## କୁହୁଡ଼ିରେ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ

**ଅସ୍ତରଙ୍ଗ,୨୧।୫(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ଅଧୀନ ଶହୀଦ ସ୍ମୃତିପୀଠ କୁହୁଡ଼ିଠାରେ ମଙ୍ଗଳବାର ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଚଳିତବର୍ଷ ନିର୍ବାଚନ କାରଣରୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସକୁ ଆଦର୍ଶ ଆଚରଣ ବିଧି ଅନୁସାରେ ପାଳନ କରାଯାଇଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ମୁର୍ମୁ, ଲବଣ ସତ୍ୟାଗ୍ରହୀ ସଂଗ୍ରାମୀ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ, କୁହୁଡ଼ିର ପ୍ରଧାନଶିକ୍ଷକ ତରୁଣ ନାୟକ ଓ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉତ୍କଳ ସଂଗ୍ରାମ ସ୍ମୃତି ସମିତି କର୍ମକର୍ତ୍ତା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ସ୍ମୃତି ସମିତି କାର୍ଯ୍ୟକାରୀ ସଭାପତି ଅମିୟ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସ୍ମୃତି ସମିତି ସମ୍ପାଦକ ନୀରଦ ବରନ ମହାନ୍ତି, ସଭ୍ୟ ମହେଶ୍ୱର ନାୟକ, ଦିବାକର ଲେଙ୍କା, ବୈଦ୍ୟନାଥ ମହାନ୍ତି, କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ସତ୍ୟାଗ୍ରହୀଙ୍କ ଉପରେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସଂକୀର୍ତ୍ତନ ଓ ରାମଧୂନ୍ ପରିବେଷଣ କରାଯାଇଥିଲା।



ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

## ଗାଡ଼ିମାଲିକଙ୍କ ବିରୋଧରେ ଗିରଫ ପରୱାନା

**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି):**

ନିର୍ବାଚନ କାର୍ଯ୍ୟରେ ନିର୍ଦ୍ଦେଶ ଅବମାନନା କରିଥିବା ଅଭିଯୋଗରେ ଗାଡ଼ି ମାଲିକମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ଚଳିତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପାଇଁ ପୁରୀ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ ମୁତାବକ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ କେତେ ଜଣ ଗାଡ଼ି ମାଲିକଙ୍କ ଉଦ୍ଦେଶ୍ୟରେ ରିକ୍ୟୁଜିଶନ୍ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶ ଅବମାନନା କରି ନିର୍ଦ୍ଦିଷ୍ଟ ୯ଟି ଇନୋଭା ଗାଡ଼ି ମାଲିକ ସେମାନଙ୍କ ଗାଡ଼ି ନିର୍ଦ୍ଧାରିତ ତାରିଖ, ସମୟ ଏବଂ ସ୍ଥାନରେ ଦାଖଲ କରି ନ ଥିଲେ। ଏହି ବିଷୟ ଜିଲାପାଳଙ୍କ ନଜରକୁ ଆସିବା ପରେ ପୁରୀ ଜିଲାପାଳ ସ୍ୱାଇଁ ଆଇନ ଅନୁଯାୟୀ ସେହି ୯ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆର୍‌ଟିଓ ରବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବିଜେଡିର ସମାବେଶରେ ବାବୁସାନ୍, ଏଲିନା




**ବଳଙ୍ଗା,୨୧।୫(କେଦାରେଶ୍ୱର ନନ୍ଦ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ୧୮ ନଂ. ଜୋନ୍‌ର ମଙ୍ଗଳବାର ସନ୍ଧ୍ୟାରେ ବଳଙ୍ଗା ମେଳଣ ପଡ଼ିଆରେ ବିଜେଡିର ଯୁବ ସମାବେଶରେ ଷ୍ଟାର ପ୍ରଚାରକ ଭାବେ ବାବୁସାନ ଓ ଏଲିନା ସାମନ୍ତରାୟଙ୍କୁ ମଞ୍ଚରେ ଦେଖିବାକୁ ମିଳିଥିଲା। ବଳଙ୍ଗା ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ନିମାପଡ଼ା ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ଜିଲା ବିଜେଡି ଉପସଭାପତି ସତ୍ୟବାଦୀ ମହାପାତ୍ର, ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ବଳଙ୍ଗା ବିଜେଡି ସଭାପତି କୃପାସିନ୍ଧୁ ଦତ୍ତ, ନଗର ବିଜେଡି ସଭାପତି ଦିଲ୍ଲୀପ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଆହ୍ୱାନ

**କାକଟପୁର/ଅସ୍ତରଙ୍ଗ,୨୧।୫ (ଶୁଭଦର୍ଶନ ମିଶ୍ର/ମମତା ଜେନା):**

କାକଟପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଆଉ ତାଙ୍କୁ ସାଥ୍ ଦେଉଛନ୍ତି ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ଦିବାକର ଛାଟୋଇ। ବାଇଧର ପ୍ରଥମେ ନିର୍ବାଚନମଣ୍ଡଳୀ ଅଧୀନ ଅସ୍ତରଙ୍ଗ ମା' ଜାଗୁଳାଇଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଜାଗୁଳାଇ ପଡ଼ିଆରୁ ତାଙ୍କ ପ୍ରଚାର ଆରମ୍ଭ କରିଥିଲେ। ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରାରେ ଅସ୍ତରଙ୍ଗରୁ ଆଳଙ୍ଗପୁର, ଆଳସାହି, ନଗର, ନଈଗୁଆଁ, ଖଡ଼ଲିଙ୍ଗ ଓ ନୂଆଗଡ଼ ସମେତ ବିଭିନ୍ନ ପଞ୍ଚାୟତର ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଭାଜପାରେ ଗତ କିଛିଦିନ ତଳେ ସୁରେନ୍ଦ୍ର ସେଠୀ ଓ ଅସ୍ତରଙ୍ଗର ଦିବାକର ସାମିଲ ହେବା ପରେ ଦଳ ଆହୁରି ଶକ୍ତ ହୋଇଛି। ଶୋଭାଯାତ୍ରାରେ ବାଇଧରଙ୍କ ସହ ଭାଜପା ନେତା ଦୁର୍ଜ୍ଜୟ ମିଶ୍ର, ଅଧିକାରୀ ବେହେରା, ଈଶ୍ୱର ବେହେରା, ରାମଚନ୍ଦ୍ର କାଣ୍ଡି, କେଳୁ ଓଝା, ମନୋଜ ବିଶ୍ୱାଳ, ଗୋଲେଖ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।



ଭାଜପା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ନିର୍ବାଚନ ପ୍ରଚାର କରୁଛନ୍ତି।

## ସାଇକେଲରେ ସିଦ୍ଧାର୍ଥଙ୍କ ପ୍ରଚାର

**ଗୋପ,୨୧।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ନିମାପଡ଼ା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ମଙ୍ଗଳବାର ସାଇକେଲ ଜରିଆରେ ତାଙ୍କ ମାରାଥନ୍ ନିର୍ବାଚନ ପ୍ରଚାର କରିଛନ୍ତି। ସିଦ୍ଧାର୍ଥଙ୍କ ସାଇକେଲ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବା ମଧ୍ୟ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଥିଲା। ଏପରି କି କର୍ମୀମାନେ ପ୍ରାର୍ଥୀଙ୍କ ଏପରି ପ୍ରଚାରକୁ ନେଇ ଖୁବ୍ ଖୁସିବ୍ୟକ୍ତ କରିଥିବାବେଳେ ସେମାନଙ୍କ ଆଗ୍ରହ ଅଧିକ ମାତ୍ରାରେ ବଢ଼ିଯାଇଥିବା କହିଥିଲେ। ଗୋପ ବ୍ଲକ ଅଧୀନ କୁଆଁପଡ଼ା ପଞ୍ଚାୟତର ବିଭିନ୍ନ ଗାଁ ସହ ଆଉ କେତେକ ପଞ୍ଚାୟତରେ ସିଦ୍ଧାର୍ଥ ଏହି ମାରାଥନ୍ ନିର୍ବାଚନ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତୃତ୍ୱ ଲକ୍ଷ୍ମୀଧର ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ୧୪୨ ବୁଥ୍‌ରେ ୧ ଲକ୍ଷ ୧୯ ହଜାର ୫୧୫ ମତଦାତା

**କଣାସ,୨୧।୫(ବିଭୂତି ଭୂଷଣ ତ୍ରିପାଠୀ)**

- ୧୯ ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ
- ୮୪ ବୁଥ୍‌ରେ ଲାଇଭ ଟେଲିକାଷ୍ଟ

ଆସନ୍ତା ୨୫ ତାରିଖରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଏମ୍‌ପି ଓ ବିଧାୟକ ପାଇଁ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଏଥିପାଇଁ ସରକାରୀସ୍ତରରେ ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ହୋଇସାରିଛି। ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମପଞ୍ଚାୟତ ଓ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତକୁ ନେଇ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଗଠିତ। ସତ୍ୟବାଦୀ ଓ କଣାସ ବ୍ଲକରେ ୨୫୪ଟି ବୁଥ୍‌ରେ ମୋଟ ୨ ଲକ୍ଷ ୭ ହଜାର ଭୋଟର ମତଦାନ କରିବେ। ସେଥିମଧ୍ୟରୁ କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ୧୪୨ ବୁଥ୍‌ରେ ୫୭ ହଜାର ୪୮୨ ଜଣ ମହିଳା, ୬୨ ହଜାର ୩୩ ଜଣ ପୁରୁଷ ଭୋଟ ଦେବେ। ସେଥିପାଇଁ ୨୯ ବୁଥ୍ କେବଳ ମହିଳା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ। ସେହି ବୁଥ୍‌ରେ ଲାଇଭ୍ ଟେଲିକାଷ୍ଟର ବ୍ୟବସ୍ଥା କରାଯାଇଛି। ୨୦ଟି ସଖୀ ବୁଥ୍, ଚାନ୍ଦପଡ଼ା ପ୍ରାଥମିକ ବିଦ୍ୟାଳୟ ବୁଥ୍‌ଟି ଦିବ୍ୟାଙ୍ଗ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ। ଜଙ୍ଘାର ପ୍ରାଥମିକ ବିଦ୍ୟାଳୟ ବୁଥ୍‌ଟି ଯୁବ ସରକାରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବାର ବ୍ୟବସ୍ଥା ହୋଇଛି। ମୋଟ ୮୪ ବୁଥ୍‌ରେ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା କରାଯାଇଥିବାବେଳେ ୬ଟି ବୁଥ୍‌ରେ ଭିଡିଓ ରେକର୍ଡିଂ କରାଯିବାର ବ୍ୟବସ୍ଥା କରାଯାଇଛି। ୧୯ ବୁଥ୍ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇ ସେଥିରେ ବନ୍ଧୁକଧାରୀ ପୋଲିସ୍ ଫୋର୍ସ ମୁତୟନ କରାଯିବା ସହିତ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା କରାଯାଇଛି। ବିଶ୍ୱମ୍ଭର ନୋଡାଲ ବିଦ୍ୟାଳୟ ବୁଥ୍‌ଟି ମଡେଲ୍ ବୁଥ୍ ଭାବେ ଚିହ୍ନଟ କରାଯାଇଥିବା କଣାସ ବ୍ଲକ ନିର୍ବାଚନ ଅଧିକାରୀ ତହସିଲଦାର ସନ୍ତୋଷ ପାଣିଗ୍ରହୀଙ୍କଠାରୁ ସୂଚନା ମିଳିଛି। ତହସିଲଦାର ପାଣିଗ୍ରହୀ, ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ, ଗଡ଼ିଶାଗୋଡା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଗାଁ ଗାଁ ବୁଲି ଭୋଟରଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷାକରି ଭୋଟ ଦେବାକୁ ବୁଝାଉଥିବା ଦେଖିବାକୁ ମିଳିଛି।

**୦କେଇ ମାମଲାରେ ୨ ଅଭିଯୁକ୍ତଙ୍କୁ ଜେଲ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ -୪ରେ ମଙ୍ଗଳବାର ଏକ ୦କେଇ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଉକ୍ତ ୦କେଇ ମାମଲାର ବିଚାର କରି ଅଭିଯୁକ୍ତ ମନୋଜ ସାହୁ ଓ ଗୋବର୍ଦ୍ଧନ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୧୦ଦିନ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

# ୧୯୨୩ ବୁଥରେ ଭୋଟଦେବେ ୧୯ ଲକ୍ଷ ମତଦାତା

ଭୁବନେଶ୍ୱର,୨୧।୫(ଅସମାପିକା ସାହୁ)

ଖୋର୍ଦ୍ଧା ଜିଲାର ୮ଟି ବିଧାନସଭା କ୍ଷେତ୍ରରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ଜୟଦେବ, ଜଟଣୀ, ବେଗୁନିଆ ଓ ଚିଲିକା ନିମନ୍ତେ ପୋଲିଂ ପାର୍ଟିମାନେ ବୁଥ ଅଭିମୁଖେ ଯାତ୍ରା କରିବେ। ସେହିଭଳି ୨୪ ତାରିଖରେ ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଏବଂ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ନିମନ୍ତେ ପୋଲିଂ ପାର୍ଟିମାନେ ବୁଥ ଅଭିମୁଖେ ଗସ୍ତ କରିବେ। ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର ଏବଂ ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଚିଲିକା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେଗୁନିଆ ଓ ଖୋର୍ଦ୍ଧା ନିମନ୍ତେ ଜିଲା ପଣ୍ୟାଗାରରେ ଷ୍ଟ୍ରଙ୍ଗ୍‌ରୁମ ବ୍ୟବସ୍ଥା କରାଯାଇଛି। ଏଠାରୁ ପୋଲିଂ ପାର୍ଟିମାନେ ସମ୍ପୃକ୍ତ ବୁଥ୍ ନିମନ୍ତେ ଯାତ୍ରା କରି ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ଉକ୍ତ ସ୍ଥାନରେ ଦାଖଲ କରିବେ।

ଚଳିତ ନିର୍ବାଚନ ନିମନ୍ତେ ଖୋର୍ଦ୍ଧା ଜିଲାରେ ମୋଟ ୯୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀରେ ୮, ଭୁବନେଶ୍ୱର ମଧ୍ୟରେ ୧୩, ଭୁବନେଶ୍ୱର ଉତ୍ତରରେ ୧୨, ଏକାମ୍ରରେ ୧୨, ଜଟଣୀରେ ୯, ବେଗୁନିଆରେ ୧୧, ଚିଲିକାରେ ୧୦, ଖୋର୍ଦ୍ଧାରେ ୮ ଏବଂ ଭୁବନେଶ୍ୱର ଲୋକ ସଭା ପାଇଁ ୧୨ ଜଣ ପ୍ରାର୍ଥୀ ପ୍ରତଦ୍ୱନ୍ଦ୍ୱିତା କରୁଛନ୍ତି। ଜିଲାର ମୋଟ ୧୯ ଲକ୍ଷ ୬ ହଜାର ୫୧୮ ଜଣ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୯ ଲକ୍ଷ ୧୫ ହଜାର ୨୦୫ ଜଣ ମହିଳା ଥିବା ବେଳେ ୯ ଲକ୍ଷ ୯୦ ହଜାର ୭୩୪ ଜଣ ପୁରୁଷ ଏବଂ ୫୭୯ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୮-୧୯ ବର୍ଷ ବୟସର ୪୨ ହଜାର ୧୦୦ ଯୁବ ଭୋଟର ଥିବାବେଳେ ୩୨ ହଜାର ୫୭ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି।



ଖବରଦାତା ସମ୍ମିଳନୀରେ ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଉଛନ୍ତି।

## ୨୪ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲା

ମତଦାନ ପ୍ରକ୍ରିୟାରେ ଆବଶ୍ୟକସ୍ଥଳେ ସହାୟତା କରିବାକୁ ୨୪ଜଣ ଇସିଆଇଏଲ ଯନ୍ତ୍ରୀ ଏବଂ ମତଦାନ ପ୍ରକ୍ରିୟାରେ ସହଯୋଗ କରିବାକୁ ୫୫ ଜଣ ସହଯୋଗୀ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଜିଲାସ୍ତରରେ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲାଯାଇ ନିର୍ବାଚନ ସମ୍ପର୍କିତ ସମସ୍ତ ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତ୍ୟେକ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ହୁଇଲ୍ ଚେୟାର ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ମୁତୟନ ହୋଇଛନ୍ତି। ଜିଲାରେ ୩ଜଣ ସାଧାରଣ ପର୍ଯ୍ୟବେକ୍ଷକ, ଜଣେ ପୋଲିସ ପର୍ଯ୍ୟବେକ୍ଷକ ଏବଂ ୪ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସର୍କିଟ୍ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଏହି ସୂଚନା ଦେଇଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଏବଂ ନିର୍ବାଚନ ଡେପୁଟି କଲେକ୍ଟର ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ୫୨୫ ବୁଥ୍

ଜିଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ୮ଟି ଏବଂ ଯୁବ କର୍ମଚାରୀମାନଙ୍କ ଦ୍ୱାରା ୪୦ଟି ବୁଥ୍ ପରିଚାଳିତ ହେବ। ଏଥିମଧ୍ୟରେ ୨୭ଟି ସମ୍ବେଦନଶୀଳ ଓ ୩୦୬ଟି ଅତିସମ୍ବେଦନଶୀଳ ବୁଥ୍ ରହିଛି। ଏଥିସହ ୭ଟି ଇକୋଫ୍ରେଣ୍ଡ୍‌ଲି ଏବଂ ୩୮୪ଟି ଆଦର୍ଶ ମତଦାନ କେନ୍ଦ୍ର ରହିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୨୦୦ ମତଦାନକେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଉକ୍ତ ଦିନଗୁଡ଼ିକରେ ପୋଲିଂ ପାର୍ଟିମାନଙ୍କ ସହାୟତା ନିମନ୍ତେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ଜଟଣୀ, ପିପିଲି, ଖୋର୍ଦ୍ଧା, ବାଲକାଟୀ, ବାଲିଅନ୍ତା ଓ ବାଲିପାଟଣାର ବିଭିନ୍ନ ରୁଟରେ ବସ୍ ଚଳାଚଳ କରିବ। ଏହି ବସ୍ ୨୫ ତାରିଖ ସନ୍ଧ୍ୟା ୭ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଚଳପ୍ରଚଳ କରିବ। ପ୍ରତ୍ୟେକ ସଖୀ ବୁଥ୍‌ରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଆନୁଷଙ୍ଗିକ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯିବ। ଏଥିମଧ୍ୟରେ ୧୧୪୪ ବୁଥରେ ୱେବ୍‌କାଷ୍ଟିଂ କରାଯିବ। ପ୍ରାୟ ୧୫ ହଜାର ପୋଲିଂ ଅଧିକାରୀ ଏହି ମତଦାନ ପ୍ରକ୍ରିୟା ନିମନ୍ତେ ନିୟୋଜିତ ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ଜିଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ।

# ଏକାମ୍ରରେ ବାବୁ ସିଂଙ୍କ ବାଇକ୍ ଶୋଭାଯାତ୍ରା



ପୁରୁଣା ଭୁବନେଶ୍ୱର,୨୧।୫ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ମାରାଥନ ପ୍ରଚାର ଜାରି ରଖିଛନ୍ତି। ମଙ୍ଗଳବାର କର୍ମୀ ଓ ସମର୍ଥକଙ୍କ ସହ ବିଭିନ୍ନ ଅଞ୍ଚଳରେ ବାଇକ୍ ଶୋଭାଯାତ୍ରା, ପଦଯାତ୍ରା କରି ଲୋକଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ବାବୁ କହିଛନ୍ତି, ଏକାମ୍ର କ୍ଷେତ୍ର ହେଉଛି ଐତିହ୍ୟ ସଂସ୍କୃତି ପରିପୂର୍ଣ୍ଣ ଅଞ୍ଚଳ। ଏଠାରେ ଥିବା ଐତିହ୍ୟ ପୋଖରୀ, ଶ୍ମଶାନ, ଭାଗବତ ତୁଙ୍ଗି ଓ ବିଭିନ୍ନ କ୍ଲବ ଓ ପାଠାଗାରର ପୁନରୁଦ୍ଧାର ହେବ। ଏଥିସହ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଡ୍ରେନ ନିର୍ମାଣ, ବିଭିନ୍ନ ମନ୍ଦିର ଗୁଡ଼ିକର ପୁନରୁଦ୍ଧାର କରାଯିବ। ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ପାଇଁ ପ୍ରାଥମିକତା ରହିବ। ଗଙ୍ଗୁଆ ନାଳର ପୁନଉଦ୍ଧାର କରି ଏକାମ୍ର ଅଞ୍ଚଳକୁ ଜଳବନ୍ଦୀରୁ ମୁକ୍ତି କରାଯିବ। ଏଠାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ବହୁ ପ୍ରାଚୀନ କୀର୍ତ୍ତିରାଜି ରହିଛି। ସେସବୁକୁ ନେଇ ଏଠାରେ କିଭଳି ଆଧ୍ୟାତ୍ମିକ ପରିବେଶରେ ପର୍ଯ୍ୟଟନକୁ ଆକୃଷ୍ଟ କରିହେବ ସେ ଦିଗରେ ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ। ରାସ୍ତାଘାଟ, ପାନୀୟଜଳ, ପରିମଳ ଭଳି ସୁବିଧା ସହ ଏକାମ୍ର ଅଞ୍ଚଳକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ପରିଣତ କରାଯିବ ବୋଲି ସେ କହିଛନ୍ତି।

# ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

## ଗାଡ଼ି ଚଳାଚଳ ପାଇଁ ଟ୍ରାଫିକ୍ ନିର୍ଦ୍ଦେଶାବଳୀ ଜାରି

ଭୁବନେଶ୍ୱର,୨୧।୫(ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱରରେ ବୁଧବାର ଅପରାହ୍ନ ୫ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ' କରିବେ। ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଏନେଇ ଟ୍ରାଫିକ୍ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ରୋଡ୍ ଶୋ' ପାଇଁ ରେଣ୍ଟାଲ ଓମ୍‌ଫେଡ ଛକ, ପେଟ୍ରୋଲ ପମ୍ପ ଛକ, ସାଲିଆ ସାହି, ମେ ଫେୟାର, ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ, ଜାଭିୟର ଛକ, ବିଡିଏ ସାଇ ମନ୍ଦିର, ଚନ୍ଦ୍ରଶେଖପୁର ପେଟ୍ରୋଲ ପମ୍ପ, ଡମଣା ମ୍ୟାକ୍ସ ଶୋ' ରୁମ୍ ହୋଇ ପଟିଆ ଛକ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବ। ଅପରାହ୍ନ ୫ଟା ୩୦ରୁ କୌଣସି ଗାଡ଼ି ସିଆର୍‌ପି ଛକ ପାର୍ଶ୍ୱରୁ ରେଣ୍ଟାଲ ଓମଫେଡ୍ ଛକ ଏବଂ ସନ୍ଧ୍ୟା ୬ଟା ୩୦ରୁ ଜୟଦେବ ବିହାର ଛକଠାରୁ ବିଜୁ ପଟ୍ଟନାୟକ କଲେଜ ଆଡକୁ ଯାଇପାରିବ ନାହିଁ। ୬ଟା ୩୦ରୁ ରୋଡ ଶୋ' ସରିବା ପର୍ଯ୍ୟନ୍ତ କୌଣସି ଗାଡ଼ି ଜୟଦେବ ବିହାର ଛକଠାରୁ କିଟ୍ ଛକ ଆଡ଼କୁ ଏବଂ ସନ୍ଧ୍ୟା ୭ଟା ୧୫ରୁ କୌଣସି ଗାଡ଼ି କିଟ୍ ଛକରୁ ଜୟଦେବ ବିହାର ଆଡ଼କୁ ଯାଇପାରିବ ନାହିଁ। ଜୟଦେବ ବିହାର ଛକ ହୋଇ ଜାଭିୟର ଛକ ଆଡ଼କୁ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ଜୟଦେବ ବିହାର ଛକରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଜାଭିୟର ଛକ ପର୍ଯ୍ୟନ୍ତ ଆସି ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ଦେଇ ଯାଇପାରିବ। ନନ୍ଦନକାନନ ରାସ୍ତା ଦେଇ ଜୟଦେବ ବିହାର ଛକ ଆଡ଼କୁ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଡମଣା ଛକ ପର୍ଯ୍ୟନ୍ତ ଆସି ସେହିଠାରୁ ଡାହାଣ ପାର୍ଶ୍ୱ ସମାନ୍ତରାଳ ରାସ୍ତା ଦେଇ ଯାଇପାରିବ। ଏପରିକି ରୋଡ୍ ଶୋ' ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତା ବନ୍ଦ ରହିବ। ରୋଡ୍ ଶୋ' ହେବାକୁ ଥିବା ରାସ୍ତାରେ ଗାଡ଼ିଗୁଡ଼ିକ ନ ଯାଇ ଅନ୍ୟ ରାସ୍ତାରେ ଯାତାୟାତ କରିବାକୁ ପୋଲିସ ନିର୍ଦ୍ଦେଶନାମାରେ କୁହାଯାଇଛି।

# ତ୍ୱରାନ୍ୱିତ ହେବ ଦୟାନଦୀ ଉଭୟପାର୍ଶ୍ୱ ବନ୍ଧ: ଅଶୋକ

ପୁରୁଣା ଭୁବନେଶ୍ୱର,୨୧।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର ଧଉଳି ଶାନ୍ତିସ୍ତୂପଠାରୁ ବାଇକ୍ ଶୋଭାଯାତ୍ରାରେ ପ୍ରଚାର ଆରମ୍ଭ କରି କହିଥିଲେ, ଦୟାନଦୀ ଗର୍ଭରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ତଥା ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ଖୁବ୍‌ଶୀଘ୍ର ନିର୍ମାଣ ହେବାକୁ ଯାଉଛି। ଏଥିସହ ଦୟା ନଦୀର ଉଭୟ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଖୁବ୍‌ଶୀଘ୍ର ସରିବ। ୬ଟି ପଞ୍ଚାୟତକୁ ପାଇପ ଦ୍ୱାରା ଦୟା ନଦୀ ତଟରେ ଏକ ବୃହତ ପାନୀୟଜଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି ବୋଲି ପଣ୍ଡା ସୂଚନା ଦେଇଛନ୍ତି। ପରେ ଶିଶୁପାଳଗଡ଼ ପଞ୍ଚାୟତର ବଡଟାଙ୍ଗୀଠାରୁ ପ୍ରଚାର ଆରମ୍ଭ କରି ମହାବୀର ନଗର, ଗଡ଼ମହାବୀର ଆଦି ଅଞ୍ଚଳବାସୀଙ୍କୁ ଭେଟି ଭୋଟ୍ ପାଇଁ ନିବେଦନ କରିଥିଲେ। ଶେଷରେ ୱାର୍ଡ ନଂ. ୫୮ରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ.ସନ୍ତୋଷ ବେଜ, ସୁବାସ ସୁନ୍ଦରାୟ, ଚନ୍ଦନ ମଲିକ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, ସରସ୍ୱତୀ ସେଠୀ, ବିନୋଦ ରାଉତ, ଭଗବାନ ସାହୁ, ହରେକୃଷ୍ଣ ସାହୁ, ଦିଲ୍ଲୀପ ଜେନା, ସୁଧା ରଞ୍ଜନ ସୁବୁଦ୍ଧି, ଅମିତ ପଟ୍ଟନାୟକ, ପୁଷ୍ପା ଦାସ, ଶର୍ମିଷ୍ଠା ଜେନା, ସୁପ୍ରଭା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଶୋଭାଯାତ୍ରାରେ ପ୍ରଚାର କରୁଛନ୍ତି।

# ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛନ୍ତି: ପାଣ୍ଡିଆନ



ସଭାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୨୧।୫ (ବନ୍ଦନା ସେଠୀ)

ବିଜୁ ଜନତା ଦଳ ତା'ର ନିର୍ବାଚନୀ ଇସ୍ତାହାରରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଉନ୍ନତିକୁ ସ୍ଥାନ ଦେଇଛି। ସମସ୍ତଙ୍କୁ ବିଏସ୍‌କେୱାଇରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବ। ଏଥିସହ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହାଉସିଂ ଲୋନ ପାଇଁ ସୁଧହାର କମ୍ ରହିବ ଏବଂ ଶିକ୍ଷା ଲୋନ୍‌ରେ ମଧ୍ୟ ସୁଧ ହାର କମ୍ ରହିବ। ସମସ୍ତ ପବ୍ଲିକ୍ ଟ୍ରାନ୍‌ସପୋର୍ଟରେ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ରିହାତି ଦର ଥିବା ସହ ପୁଅଙ୍କୁ ୧୨ ହଜାର ଓ ଝିଅଙ୍କୁ ୧୪ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମୁଣ୍ଡରୁ ବୋଝ ହାଲୁକା କରିବା ପାଇଁ ଓ ସେମାନଙ୍କ ଖର୍ଚ୍ଚ କମାଇବା ପାଇଁ ମୁଖ୍ୟମନ୍ତ୍ରୀ ଏ ସମସ୍ତ ପଦକ୍ଷେପ ନେଇଥିବା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ମଙ୍ଗଳବାର ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡିର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ସପକ୍ଷରେ ପ୍ରଚାର କରିବା ସମୟରେ ପାଣ୍ଡିଆନ କହିଲେ, ମହାପ୍ରଭୁ ଓ ଲୋକଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ପୁଣିଥରେ ଜୁନ ୯ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦% ଲୋକଙ୍କ ବିଦ୍ୟୁତ୍ ବିଲ୍ ଛାଡ ହେବ। ବସ୍ତିବାସିନ୍ଦାଙ୍କ ପାଖକୁ ଆଉ ବିଦ୍ୟୁତ୍ ବିଲ୍ ଆସିବ ନାହିଁ। ମଧ୍ୟବିତ୍ତ ଶ୍ରେଣୀ, ଗରିବ, ଚାଷୀ, ଯୁବପିଢି ସମସ୍ତଙ୍କୁ ଏକାଠି କରି ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା ଗଠନ କରିବାର ଲକ୍ଷ୍ୟ ରଖିଛନ୍ତି। କ୍ଷମତାକୁ ଆସିଲେ ଡାଲି, ଖାଇବା ତେଲ, ପେଟ୍ରୋଲ ଓ ଡିଜେଲ ଦର କମାଇବେ ବୋଲି ଭାଜପା ୨୦୧୪ରେ କହିଥିଲା। ମାତ୍ର ବାସ୍ତବରେ ତାହା ହେଲାନାହିଁ। ରାଜଧାନୀର ଏମ୍‌ପି ଏଠାକୁ ବଡ଼ ବଡ଼ ପ୍ରୋଜେକ୍ଟ ଆଣିବାର ଥିଲା, ରୋଜଗାର ବଢାଇବା ପାଇଁ ସ୍କିମ୍ ଆଣିବାର ଥିଲା, ମାତ୍ର ସେ କିଛି କଲେ ନାହିଁ। ବେଙ୍ଗାଲୁରୁ ଓ ଭୋପାଳର ଭାଜପା ଏମ୍‌ପି ସେମାନଙ୍କ କ୍ଷେତ୍ର ପାଇଁ ୪୦/୫୦ ହଜାର କୋଟି ଟଙ୍କାର ପ୍ରୋଜେକ୍ଟ ଆଣିଛନ୍ତି, ମାତ୍ର ଆମ ଏମ୍‌ପି କିଛି ଆଣିନାହାନ୍ତି। ପରନ୍ତୁ ଭୁବନେଶ୍ୱରକୁ ପଛକୁ ନେଇଗଲେ ବୋଲି ପାଣ୍ଡିଆନ ଅଭିଯୋଗ କରିଥିଲେ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚକୋଟୀର ଚିନ୍ତାଧାରା ରହିଛି। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ହକି ପଡ଼ିଆ କରିଛନ୍ତି। ଭୁବନେଶ୍ୱରକୁ ମେଟ୍ରୋ ଟ୍ରେନ୍ ଆଣୁଛନ୍ତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କରୁଛନ୍ତି। ତେଣୁ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ପାଣ୍ଡିଆନ ଅନୁରୋଧ କରିଥିଲେ।

# ଜନସମର୍ଥନ ଲୋଡ଼ିଲେ ପ୍ରୀତିଜ୍ୟୋତ୍ସ୍ନା

ଭୁବନେଶ୍ୱର, ୨୧।୫ (ବନ୍ଦନା ସେଠୀ)



ସମୃଦ୍ଧ ଓଡ଼ିଶା ପ୍ରାର୍ଥିନୀ ପ୍ରୀତିଜ୍ୟୋତ୍ସ୍ନା ନାଥ ମଙ୍ଗଳବାର ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ପୂର୍ବାହ୍ନରେ କେଶୁରାରୁ ପ୍ରଚାର ଆରମ୍ଭ କରି କଲୋନୀ ଓ ଘରକୁ ଘର ବୁଲି ଲୋକଙ୍କୁ ଭେଟି ଅଶୀର୍ବାଦ ଗ୍ରହଣ କରିଥିଲେ। ମଧ୍ୟାହ୍ନରେ ଭୁବନେଶ୍ୱର କୋର୍ଟ ପରିସରରେ ନିଜ ସହକର୍ମୀଙ୍କୁ ଭେଟି ଟର୍ଚ୍ଚ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ଜନସାଧାରଣଙ୍କୁ ଦଳର ପ୍ରତିଶ୍ରୁତି ଯଥା ପ୍ରତି ପରିବାରର ସର୍ବନିମ୍ନ ମାସିକ ଆୟ ୨୦ ହଜାର ଟଙ୍କାରୁ ଅଧିକ, ଏକ କୋଟି ଯୁବତୀ ଯୁବକ ଙ୍କୁ ନିଯୁକ୍ତି/ଆତ୍ମନିଯୁକ୍ତି, ଏକ କୋଟି ଜମିରେ ଅତିରିକ୍ତ ଜଳସେଚନ, ସବୁ ଗୋଷ୍ଠୀକୁ ରୋଜଗାର, ସ୍ୱାସ୍ଥ୍ୟ, ଶିକ୍ଷାରେ ଉନ୍ନତି, ସମ୍ପୂର୍ଣ୍ଣ ମଦ ବନ୍ଦ ଓ ଦାଦନ ମୁକ୍ତ ସମାଜ ଗଠନ ସମ୍ବନ୍ଧରେ କହିଥିଲେ। ନିର୍ବାଚନ ଜିତିବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପରିବାରର ସାମଗ୍ରିକ ବିକାଶ ସହ ଦୁର୍ନୀତି ହଟାଇ ଏକ ସଶକ୍ତ ଏବଂ ସମୃଦ୍ଧ ନିର୍ବାଚନ ମଣ୍ଡଳୀରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୧।୫(ଅନୁରାଧା ମହାରଣା)

ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର କଂଗ୍ରେସ ଭବନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ଏବଂ ପରେ କଂଗ୍ରେସ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୱନ ଖେରା, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ସନତ ଦାସ ଏବଂ ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋଷ୍ଟରମରାକୁ ନେଇ ଗଣ୍ଡଗୋଳ: ଜଣେ ଗିରଫ

ଭୁବନେଶ୍ୱର,୨୧।୫ (ସୂର୍ଯ୍ୟକାନ୍ତ ବେହେରା)

ପୋଷ୍ଟରମରାକୁ ନେଇ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ୟୁନିଟ-୭ ଅଞ୍ଚଳରେ ରହୁଥିବା ଆନ୍ଧ୍ରପ୍ରଦେଶର ନାରାୟଣ ରେଡ୍ଡୀ।

# ସୁରେଶ ପାଣିଗ୍ରାହୀଙ୍କ ବାଇକ୍ ଶୋଭାଯାତ୍ରା

ଭୁବନେଶ୍ୱର, ୨୧।୫(ବନ୍ଦନା ସେଠୀ)

ସିପିଆଇ (ଏମ୍) ଲୋକ ସଭା ପ୍ରାର୍ଥୀ ସୁରେଶ ପାଣିଗ୍ରାହୀ ମଙ୍ଗଳବାର ନିଜ ସମର୍ଥକଙ୍କ ଗହଣରେ ବାଇକ୍ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଥିଲେ। ପାର୍ଟିର ଶତାଧିକ କର୍ମୀ ଓ ଶ୍ରମିକ କର୍ମଚାରୀ, ବସ୍ତିବାସିନ୍ଦା, ଯୁବ, ଛାତ୍ର ମୋଟର ବାଇକ, ଅଟୋରିକ୍ସା, କାର୍ ଧରି ସାଥୀ ସୁରେଶଙ୍କୁ 'ଦା' ହାତୁଡ଼ି ତାରା' ଚିହ୍ନରେ ଭୋଟ୍‌ଦେଇ ଜୟଯୁକ୍ତ କରିବାକୁ ପ୍ରଚାର କରିଥିଲେ। ଜୟଦେବ ବିହାର ପାର୍ଟି ଅଫିସ୍‌ରୁ ପାଣିଗ୍ରାହୀ ଏକ ଖୋଲାଜିପ୍‌ରେ ବସି ସହରବାସୀଙ୍କ ସମର୍ଥନ ଲୋଡ଼ିଥିଲେ। ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ସହିତ ଦରଦାମ୍ ଓ ଉତ୍କଟ ବେକାରି ବୃଦ୍ଧି ବିରୋଧରେ, କୃଷକଙ୍କ ଉତ୍ପାଦିତ ଦ୍ରବ୍ୟର ଲାଭଜନକ ସହାୟକ ମୂଲ୍ୟ, ଶ୍ରମିକ କର୍ମଚାରୀଙ୍କୁ ବର୍ଷସାରା କାମ, ଦୈନିକ ମଜୁରି ୭ଶହ ଟଙ୍କା ଓ ଚାକିରିର ସ୍ଥାୟିତ୍ୱ ନିମନ୍ତେ ସେ ଭୋଟ ନିବେଦନ କରିଥିଲେ। ତାଙ୍କ ସହିତ ସିପିଆଇର ଉତ୍ତର ବିଧାନସଭା ପ୍ରାର୍ଥୀ ଶଙ୍କର ଯୋଗଦେଇଥିଲେ। ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପୁଷ୍ପା ଦାସ ଉପସ୍ଥିତ ଥିଲେ। ଶୋଭାଯାତ୍ରାକୁ ପାର୍ଟିର ଭୁବନେଶ୍ୱର ଆଞ୍ଚଳିକ କମିଟିର ନେତୃତ୍ୱ ପ୍ରଦୀପ୍ତ ନାୟକ, ମୀନତି ପାଣିଗ୍ରାହୀ, ସାର୍ଲି ମାରାଣ୍ଡି ପ୍ରମୁଖ ଆୟୋଜନ କରିଥିଲେ।



ସିପିଆଇ (ଏମ୍) ଲୋକ ସଭା ପ୍ରାର୍ଥୀ ସୁରେଶ ପାଣିଗ୍ରାହୀ ଶୋଭାଯାତ୍ରାରେ ଯାଉଛନ୍ତି।

## ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୧।୫ (ଶର୍ମିଷ୍ଠା ପାଣିଗ୍ରାହୀ)

ଖୋର୍ଦ୍ଧାର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଜଗଦ୍ଦେବ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ମତଦାନ ପୂର୍ବରୁ ଥାନା, ଏସ୍‌ଡିପିଓ ଏବଂ ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଆକ୍ରମଣ କରିବେ ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି। ତେଣୁ କିପରି ଆସନ୍ତା ୨୫ ତାରିଖରେ ଶୃଙ୍ଖଳିତ ଭାବେ ନିର୍ବାଚନ ହେବ ସେଥିଲାଗି କମିଶନଙ୍କୁ ଅବଗତ କରାଇଛି ବିଜେଡି। ସେପଟେ ଜଗଦ୍ଦେବଙ୍କ ଏଭଳି ବୟାନକୁ ନେଇ ବିଭିନ୍ନ ମହଲରେ ଆଲୋଚନାର ବିନ୍ଦୁ ପାଲଟିଥିବା ବେଳେ ଖୋର୍ଦ୍ଧା କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ ଏହାର ତୀବ୍ର ବିରୋଧ କରିଛନ୍ତି। ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଯଦି ଜଗଦ୍ଦେବ ନିର୍ବାଚନ ପୂର୍ବରୁ ଏଭଳି ଧମକ ଦେଉଛନ୍ତି, ତେବେ ଜିତିବା ପରେ କ'ଣ କରିବେ, ତାହା ଆଚରଣରୁ ବାରି ହୋଇପଡୁଛି। ଭାଜପାରେ ଅପରାଧୀମାନଙ୍କ ସ୍ଥାନ ବଢିଯାଇଛି। କିଭଳି ଶାନ୍ତିଶୃଙ୍ଖଳାର ସହ ମତଦାନ ହେବ, ଏଥିଲାଗି ଜିଲା ପ୍ରଶାସନ, ପୋଲିସ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ସାଲିଆସାହିରେ ପ୍ରିୟଦର୍ଶୀଙ୍କ ରୋଡ୍ ଶୋ'



ରୋଡ୍ ଶୋ' ଅବସରରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଜନସାଧାରଣଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୨୧।୫ (ବନ୍ଦନା ସେଠୀ)

ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ମଙ୍ଗଳବାର ଚନ୍ଦ୍ରଶେଖରପୁର ଅନ୍ତର୍ଗତ ୱାର୍ଡ ନଂ.୧୩ରେ ପଦଯାତ୍ରା କରିଥିଲେ। ସେ ରୋଡ ଶୋ' କରି ପ୍ରଥମେ ବିଡିଏ କଲୋନୀ, କେୟାର ହସ୍ପିଟାଲ ବସ୍ତି, ମଙ୍ଗଳାବସ୍ତି, ବୁଧପାର୍କ, ନୀଳାଦ୍ରି ବିହାର ଆଦି ସମସ୍ତ ଅଞ୍ଚଳର ଗଳିକନ୍ଦି ରାସ୍ତା ପରିକ୍ରମା କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ରୋଡ଼ ଶୋ'ରେ ବାଇକ୍ ଆରୋହୀଙ୍କ ସହିତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟାରେ ସାଲିଆସାହି ଅନ୍ତର୍ଗତ ଫୁଟବଲ ପଡ଼ିଆରେ ସମର୍ଥକ ଏକତ୍ରିତ ହୋଇ ପ୍ରିୟଦର୍ଶୀଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ପଦଯାତ୍ରା କରି ସମଗ୍ର ସାଲିଆ ସାହି ପରିକ୍ରମା କରିବା ସହିତ ବସ୍ତିବାସିନ୍ଦାଙ୍କୁ ସର୍ବନିମ୍ନ ୬ଶହ ବର୍ଗଫୁଟ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବା ନେଇ ଆଉଥରେ ଘୋଷଣା କରିଥିଲେ। ବସ୍ତି ବାସିନ୍ଦାଙ୍କ କଠିନ ପରିଶ୍ରମରେ ଆମ ସହର ଗଢି ଉଠୁଛି। ତେଣୁ ସେମାନଙ୍କୁ ସରକାର ପ୍ରାଧାନ୍ୟ ଦେବାର ଆବଶ୍ୟକତା ଅଛି। ଓଡ଼ିଶାରେ ୨୫ବର୍ଷର ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଆଜି ବସ୍ତି ଲୋକ ତାଙ୍କ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ବସ୍ତି ବାସିନ୍ଦାଙ୍କ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କୁ ଏଠାକୁ ଆଣିବାକୁ ପଡ଼ିବ ବୋଲି ପ୍ରିୟଦର୍ଶୀ କହିଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ



ବେଗୁନିଆ,୨୧।୫(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧକ୍ଷା ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସାନପଦର ଗ୍ରାମର ସୁକାନ୍ତ କୁମାର ପଟ୍ଟନାୟକ, ନୟାପଲ୍ଲୀ ଗ୍ରାମର ସୁଧୀର କୁମାର ନାୟକ, ଦଲକ ଗ୍ରାମର ଅଦ୍ୱୈତ ବରାଳ ଓ ଗଡମାଣତିର ଗ୍ରାମର ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଭାଜପା ଛାଡ଼ିଲେ ପ୍ରତିମାରାଣୀ

ବୋଲଗଡ଼,୨୧।୫(ଦେବବ୍ରତ ହୋତା)

ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବେଗୁନିଆ ନିର୍ବାଚନ ମଣ୍ଡଳୀର ଭାଜପାନେତ୍ରୀ ପ୍ରତିମାରାଣୀ ସାହୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର



ରାଜ୍ୟ ଓ ଜିଲା ସଭାପତିଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ତାଙ୍କର ବହୁ ସମର୍ଥକ ଭାଜପା ଛାଡ଼ିଛନ୍ତି। ପ୍ରକାଶ ଯେ, ପ୍ରତିମାରାଣୀ ପିତୁକୁଳି ମଣ୍ଡଳ ଭାଜପାର ସଭାନେତ୍ରୀ ଏବଂ ଖୋର୍ଦ୍ଧା ଜିଲା ଭାଜପା ମହିଳା କମିଟିର ଉପସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ତ୍ରିସ୍ତରୀୟ ନିର୍ବାଚନରେ ସେ ବୋଲଗଡ଼ ବ୍ଲକ ଅଞ୍ଚଳର ୨୭ନମ୍ବର ଜିଲା ପରିଷଦସଭ୍ୟା ପଦ ପାଇଁ ନିର୍ବାଚନ ଲଢ଼ି ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ, ଯାହାକି ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ। ତେବେ ଆଗାମୀ ଦିନରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ରହିବ ତାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

### ଅସନ୍ତୁଷ୍ଟ ଭାଜପା କର୍ମୀଙ୍କ ବୈଠକ

ବେଗୁନିଆ,୨୧।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ମା' ବରମୂଳେଇଙ୍କ ପୀଠରେ ଅସନ୍ତୁଷ୍ଟ ଭାଜପା କର୍ମୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ ଛୁଆଲସିଂହଙ୍କ ଆବାହକତ୍ୱରେ ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ବାହିନୀପତିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିବା ବେଳେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖି କାର୍ଯ୍ୟକୁ ନେଇ ବିରୋଧ କରାଯାଇଥିଲା। ଏପରିକି ନିର୍ବାଚନରେ ଅସନ୍ତୁଷ୍ଟ ଭାଜପା କର୍ମୀମାନେ ନୋଟାରେ ଭୋଟ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିମୋର ପଞ୍ଚାୟତ ଭାଜପା ସଭାପତି ଗୌରଚରଣ ପ୍ରହରାଜଙ୍କ ସମେତ ବହୁ ଅସନ୍ତୁଷ୍ଟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ସଚ୍ଚି ରାଉତରାୟ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ କବି

ଭୁବନେଶ୍ୱର,୨୧।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସଚ୍ଚି ରାଉତରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଯୁଗସ୍ରଷ୍ଟା ଭାବେ ଅମର ରହିବେ। ଆଧୁନିକ ଓଡ଼ିଆ ସାହିତ୍ୟର ସେ ପ୍ରଗତିବାଦୀ କବି। ମଙ୍ଗଳବାର ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିରୂପେ ପ୍ରଶାସକ ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗଦେଇ ଏହା କହିଛନ୍ତି। ସମିତି ଉପସଭାପତି ପ୍ରେମଲତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଚ୍ଚି ରାଉତରାୟଙ୍କ କବିତା 'ଛୋଟ ମୋର ଗାଆଁଟି', 'ବାଜି ରାଉତ', ଗଳ୍ପ 'ମାଟିର ତାଜ', 'ଅନ୍ଧାରୁଆ', 'ମଶାଣିର ଫୁଲ' ଓ ଉପନ୍ୟାସ 'ଚିତ୍ରଗ୍ରୀବ' ଉପରେ ଆଲୋଚନା କରାଯାଇଥିଲା। ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରଭାତ ନନ୍ଦ, ଆରତି କର, ମିନତୀ ଷଡ଼ଙ୍ଗୀ, ବିରଜା ପ୍ରସାଦ ଶତପଥୀ ଯୋଗଦେଇଥିଲେ। ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ, ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୧୯୨୩ ବୁଥ୍‌ରେ ଭୋଟଦେବେ ୧୯ ଲକ୍ଷ ମତଦାତା

ଭୁବନେଶ୍ୱର/ଖୋର୍ଦ୍ଧା,୨୧।୫
(ଅସମାପିକା ସାହୁ/ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ୮ଟି ବିଧାନସଭା କ୍ଷେତ୍ରରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ଜୟଦେବ, ଜଟଣୀ, ବେଗୁନିଆ ଓ ଚିଲିକା ନିମନ୍ତେ ପୋଲିଂ ପାର୍ଟିମାନେ ବୁଥ ଅଭିମୁଖେ ଯାତ୍ରା କରିବେ। ସେହିଭଳି ୨୪ ତାରିଖରେ ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଏବଂ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ନିମନ୍ତେ ପୋଲିଂ ପାର୍ଟିମାନେ ବୁଥ ଅଭିମୁଖେ ଗସ୍ତ କରିବେ। ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର ଏବଂ ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଚିଲିକା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେଗୁନିଆ ଓ ଖୋର୍ଦ୍ଧା ନିମନ୍ତେ ଜିଲା ପଣ୍ୟାଗାରରେ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା କରାଯାଇଛି। ଏଠାରୁ ପୋଲିଂ ପାର୍ଟିମାନେ ସମ୍ପୃକ୍ତ ବୁଥ୍ ନିମନ୍ତେ ଯାତ୍ରା କରି ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ଉକ୍ତ ସ୍ଥାନରେ ଦାଖଲ କରିବେ।

ଚଳିତ ନିର୍ବାଚନ ନିମନ୍ତେ ଖୋର୍ଦ୍ଧା ଜିଲାରେ ମୋଟ ୯୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀରେ ୮, ଭୁବନେଶ୍ୱର ମଧ୍ୟରେ ୧୩,



ଖବରଦାତା ସମ୍ମିଳନୀରେ ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଉଛନ୍ତି।

ଭୁବନେଶ୍ୱର ଉତ୍ତରରେ ୧୨, ଏକାମ୍ରରେ ୧୨, ଜଟଣୀରେ ୯, ବେଗୁନିଆରେ ୧୧, ଚିଲିକାରେ ୧୦, ଖୋର୍ଦ୍ଧାରେ ୮ ଏବଂ ଭୁବନେଶ୍ୱର ଲୋକ ସଭା ପାଇଁ ୧୨ ଜଣ ପ୍ରାର୍ଥୀ ପ୍ରତଦ୍ୱନ୍ଦ୍ୱିତା କରୁଛନ୍ତି। ଜିଲାର ମୋଟ ୧୯ ଲକ୍ଷ ୬ ହଜାର ୫୧୮ ଜଣ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୯ ଲକ୍ଷ ୧୫ ହଜାର ୨୦୫ ଜଣ ମହିଳା ଥିବା ବେଳେ ୯ ଲକ୍ଷ ୯୦ ହଜାର ୭୩୪ ଜଣ ପୁରୁଷ ଏବଂ ୫୭୯ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୮-୧୯ ବର୍ଷ ବୟସର ୪୨ ହଜାର ୧୦୦ ଯୁବ ଭୋଟର ଥିବାବେଳେ ୩୨ ହଜାର ୫୭ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି।

**୨୪ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲା**

ମତଦାନ ପ୍ରକ୍ରିୟାରେ ଆବଶ୍ୟକସ୍ଥଳେ ସହାୟତା କରିବାକୁ ୨୪ଜଣ ଇସିଆଇଏଲ ଯନ୍ତ୍ରୀ ଏବଂ ମତଦାନ ପ୍ରକ୍ରିୟାରେ ସହଯୋଗ କରିବାକୁ ୫୫ ଜଣ ସହଯୋଗୀ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଜିଲାସ୍ତରରେ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ଖୋଲାଯାଇ ନିର୍ବାଚନ ସମ୍ପର୍କିତ ସମସ୍ତ ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତ୍ୟେକ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ହ୍ୱିଲ୍ ଚେୟାର ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ମୁତୟନ ହୋଇଛନ୍ତି। ଜିଲାରେ ୩ଜଣ ସାଧାରଣ ପର୍ଯ୍ୟବେକ୍ଷକ, ଜଣେ ପୋଲିସ ପର୍ଯ୍ୟବେକ୍ଷକ ଏବଂ ୪ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସର୍କିଟ୍ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଏହି ସୂଚନା ଦେଇଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଏବଂ ନିର୍ବାଚନ ଡେପୁଟି କଲେକ୍ଟର ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଅଟୋ-ସ୍କୁଟି ମୁହାଁମୁହିଁ ଧକ୍କା: ଜଣେ ମୃତ

ବେଗୁନିଆ,୨୧।୫
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ଅନ୍ତର୍ଗତ ସିମୋର ଛକଠାରେ ମଙ୍ଗଳବାର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅଟୋ-ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସ୍କୁଟିଚାଳକ ବଡ଼ବେରଣା ଗ୍ରାମର ସୁବାସ ଚନ୍ଦ୍ର ପରିଡା। ତେବେ ଗୁରୁତର ଅଟେ।

**ଅଟୋଚାଳକ ଗୁରୁତର**

ଚାଳକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଅପରାହ୍ନରେ କଳାପଥର ପଟୁ ଏକ ଅଟୋ ଆସୁଥିଲା। ଏହି ସମୟରେ ବିପରୀତ ପଟୁ ଆସୁଥିବା ସ୍କୁଟି ସହ ସିମୋର ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟି ଓ ଅଟୋଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ସୁବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଅଟୋ ଚାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ୫୨୫ ବୁଥ୍

ଜିଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ୮ଟି ଏବଂ ଯୁବ କର୍ମଚାରୀମାନଙ୍କ ଦ୍ୱାରା ୪୦ଟି ବୁଥ୍ ପରିଚାଳିତ ହେବ। ଏଥିମଧ୍ୟରେ ୨୭ଟି ସମ୍ବେଦନଶୀଳ ଓ ୩୦୬ଟି ଅତିସମ୍ବେଦନଶୀଳ ବୁଥ୍ ରହିଛି। ଏଥିସହ ୭ଟି ଇକୋଫ୍ରେଣ୍ଡଲି ଏବଂ ୩୮୪ଟି ଆଦର୍ଶ ମତଦାନ କେନ୍ଦ୍ର ରହିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୨୦୦ ମତଦାନକେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଉକ୍ତ ଦିନଗୁଡ଼ିକରେ ପୋଲିଂ ପାର୍ଟିମାନଙ୍କ ସହାୟତା ନିମନ୍ତେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ଜଟଣୀ, ପିପିଲି, ଖୋର୍ଦ୍ଧା, ବାଲକାଟୀ, ବାଲିଅନ୍ତା ଓ ବାଲିପାଟଣାର ବିଭିନ୍ନ ରୁଟରେ ବସ୍ ଚଳାଚଳ କରିବ। ଏହି ବସ୍ ୨୫ ତାରିଖ ସନ୍ଧ୍ୟା ୭ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଚଳପ୍ରଚଳ କରିବ। ପ୍ରତ୍ୟେକ ସଖୀ ବୁଥ୍‌ରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଆନୁଷଙ୍ଗିକ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯିବ। ଏଥିମଧ୍ୟରେ ୧୧୪୪ ବୁଥରେ ୱେବ୍‌କାଷ୍ଟିଂ କରାଯିବ। ପ୍ରାୟ ୧୫ ହଜାର ପୋଲିଂ ଅଧିକାରୀ ଏହି ମତଦାନ ପ୍ରକ୍ରିୟା ନିମନ୍ତେ ନିୟୋଜିତ ହୋଇଛନ୍ତି। ଏଥିନିମନ୍ତେ ୧୦ ପ୍ଲାଟୁନ ସିଆର୍‌ପିଏଫ୍ ଯବାନଙ୍କ ସମେତ ପ୍ରାୟ ୨୨ ପ୍ଲାଟୁନ ସୁରକ୍ଷା କର୍ମଚାରୀ ମୁତୟନ ହେବେ। ଆସନ୍ତା ୨୫ ତାରିଖରେ ଜିଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୨୧।୫(ପ୍ରଭାତ ପାଣିଗ୍ରାହୀ)

**୨୩ରେ ଯୋଗୀ ଆଦିତ୍ୟନାଥ ବାଣପୁରରେ ଜନସଭାକୁ ସମ୍ବୋଧନ କରିବେ**

ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ଜିଲାର ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ହେବ। ତେଣୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଦଳର ହେଭିଓ୍ୱେଟ୍ ନେତାମାନେ ସଭା, ଶୋଭାଯାତ୍ରା, ରୋଡ୍ ଶୋ' ଆଦି କରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗୁଛନ୍ତି। ବୁଧବାର ଖୋର୍ଦ୍ଧା ହାବେଳି ପଡ଼ିଆରେ ହେବାକୁଥିବା ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କ ପାଇଁ ସେ ପ୍ରଚାର କରିବେ। ତେବେ ନବୀନଙ୍କ ଗସ୍ତକୁ ନେଇ ସ୍ଥାନୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପଟେ ଭାଜପାର ନିର୍ବାଚନୀ ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଆସନ୍ତା ୨୩ ତାରିଖରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ସେ ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ପଲଟଣ ପଡ଼ିଆରେ ହେବାକୁ ଥିବା ଜନସଭାକୁ ସମ୍ବୋଧନ କରିବେ। ଏଥିସହ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ଚିଲିକା ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପାଇଁ ପ୍ରଚାର କରିବେ। ଏନେଇ ଭାଜପା କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ଯୋଗୀଙ୍କ ପ୍ରଚାର ଚିଲିକାରେ ଭାଜପା ପାଇଁ ବେଶ୍‌ପ୍ରଭାବ ପକାଇବ ବୋଲି କୁହାଯାଉଛି।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୫ (ସୂର୍ଯ୍ୟକାନ୍ତ ବେହେରା)

ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ମସଜିଦ କଲୋନୀର ସେକ୍ ରାମଜାନ ଅଲ୍ଲୀ। ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରାତିରେ ଅଭିଯୋଗକାରିଣୀ ଘରର ମୁଖ୍ୟ ଦରଜା ଖୋଲା ରଖି ଶୋଇପଡ଼ିଥିବା ବେଳେ ଅଭିଯୁକ୍ତ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିବା ଲାଗି ଉଦ୍ୟମ କରିଥିଲେ। ଏହି ସମୟରେ ମହିଳାଙ୍କ ନିଦ ଭାଙ୍ଗିଯିବାରୁ ସେ ଚିତ୍କାର କରିବାରୁ ଅଭିଯୁକ୍ତ ପଳାଇଯାଇଥିଲା।

### ରାଜେନ୍ଦ୍ରଙ୍କ ବାଇକ୍ ଶୋଭାଯାତ୍ରା



ଖୋର୍ଦ୍ଧା,୨୧।୫ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏନେଇ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ବାଇକ୍ ଶୋଭାଯାତ୍ରାରେ ଯାଇ ନଗର ପରିକ୍ରମା କରିବା ସହ ଶକ୍ତି ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଗୁରୁଜଙ୍ଗ ମେଳଣ ପଡିଆଠାରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ସମସ୍ତ ୱାର୍ଡ ପରିକ୍ରମା କରି ଇଗଲ କ୍ଲବଠାରେ ଶେଷ ହୋଇଥିଲା। ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ବିଭିନ୍ନ ଛକରେ ଅଟକି ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ୱାର୍ଡର କାଉନ୍‌ସିଲର, ୱାର୍ଡ ସଭାପତି ଯୁବ, କର୍ମୀ ଯୋଗ ଦେଇଥିଲେ। କ୍ୟାବିନମୁକ୍ତ ସହର, ପର୍ଯ୍ୟଟନସ୍ଥଳୀର ବିକାଶ, ପାଇକ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ପାଇଁ ଗୁରୁତ୍ୱ ଦେବେ ବୋଲି ରାଜେନ୍ଦ୍ର କହିଛନ୍ତି।

### କଂଗ୍ରେସର ଜୋନ୍‌ସ୍ତରୀୟ ପ୍ରଚାର

ବୋଲଗଡ଼,୨୧।୫(ଦେବବ୍ରତ ହୋତା)

ବେଗୁନିଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ଲୋକ ସଭା ପ୍ରାର୍ଥୀ ୟାସିର ନଓ୍ୱାଜ ମଙ୍ଗଳବାର ବାଇକ୍ ଶୋଭାଯାତ୍ରାରେ ୨୬ ଓ ୨୭ ନମ୍ବର ଜୋନର ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କୁ ଭେଟିବା ସହ ହାତଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ୨୭ ନମ୍ବର ଜୋନର କଡବ, ଗୋପାଳପୁର, ଗୋଡିପାଟଣା, ସାନପଦର, ପିତୁକୁଳି ଓ ମାଣିବନ୍ଧ ଆଦି ପଞ୍ଚାୟତର କଂଗ୍ରେସର ଅନେକ ନେତା ଓ କର୍ମୀ ଯୋଗଦେଇଥିଲେ। ଏହି ଶୋଭାଯାତ୍ରାରେ ପ୍ରକାଶ କୁମାର ରଥ, ବାବନ ସାହୁ, କିଶୋର ଦାସ, ଗଣେଶ୍ୱର ସୁବୁଦ୍ଧି, ସୀମାଞ୍ଚଳ ଖଣ୍ଡାଇ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ।

# ପଞ୍ଚାୟତ ପ୍ରିମିୟର ଲିଗ୍: ମାହି ଲଭର୍ସ ବିଜୟୀ

ବୋଲଗଡ଼,୨୧।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମ ଭାଗବତ ଦେବ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ୍) ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମାହି ଲଭର୍ସ ଓ ଲେଗସାଇଡ୍ ଲିଜେଣ୍ଡସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମାହି ଲଭର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ ଲେଗ୍‌ସାଇଡ ଲିଜେଣ୍ଡସ୍ ଟିମ୍ ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ମାହି ଲଭର୍ସ ଟିମ୍ ବିଜୟୀ ହେବା ସହ ପରବର୍ତ୍ତୀ



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଶ୍ୱଜିତ୍ ପଟ୍ଟନାୟକ ଓ ସିଦ୍ଧାନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଜ୍ୟୋତିର୍ବିଦ୍ ସୁଶାନ୍ତ କୁମାର ନାଥ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବେଣାଗାଡିଆ ଗ୍ରାମର ଏଭରଗ୍ରୀନ କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ମାଲବାହୀ ଟ୍ରକ୍ ଧକ୍କାରେ କଲେଜ ଗେଟ୍ ଭାଙ୍ଗିଲା

ନିରାକାରପୁର,୨୧।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

ଇଲେକ୍ସନ ଡ୍ୟୁଟି ପାଇଁ ଆସିଥିବା ସେଣ୍ଟ୍ରାଲ ପୋଲିସ ଫୋର୍ସର ମାଲବାହୀ ଟ୍ରକ୍ ଧକ୍କାରେ ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ମୁଖ୍ୟ ଫାଟକର ଉପର ଭାଗ ଭାଙ୍ଗିବା ସହିତ ଫାଟକର ଉଭୟ ପଟ ଫାଟିଯାଇଛି। ସୂଚନା ମୁତାବକ, ଆସନ୍ତା ୨୫ତାରିଖରେ ଜିଲାରେ ନିର୍ବାଚନ ହେବ। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଙ୍ଗଳବାର ରାତିରେ ଦୁଇଟି ବସରେ ୧ଶହ ସେଣ୍ଟ୍ରାଲ ପୋଲିସ ଟିମ ନିରାକାରପୁର କଲେଜରେ ରହିବା ପାଇଁ ଆସିଥିଲେ। ବସ ଦୁଇଟି ଅତିକ୍ରମ କରିଯାଇଥିବା ବେଳେ ସେମାନଙ୍କ ବ୍ୟବହୃତ ସାମଗ୍ରୀ ଆଣି ଆସିଥିବା (ଓଡି୦୨ଏଭି -୭୨୮୫) ନମ୍ବର ବିଶିଷ୍ଟ ଟ୍ରକଟି କଲେଜର ମୁଖ୍ୟ ଫାଟକରେ ପଶି ନ ପାରି ଧକ୍କା ଦେଇଥିଲା। ଫଳରେ ଗେଟର ଉପରପାର୍ଶ୍ୱ କଂକ୍ରିଟ ତାଡି ହୋଇ ଲୁହା ଛଡ଼ ଦେଖା ଯାଉଥିବା ବେଳେ ଉଭୟ ପାର୍ଶ୍ୱ ଖୁଣ୍ଟି ଦ୍ୱୟରେ ମଧ୍ୟ ଫାଟ ସୃଷ୍ଟି ହୋଇଛି ବୋଲି କଲେଜର ରାତ୍ର ଜଗୁଆଳି ଚଟିଆ ବେହେରା କହିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ବ୍ରତତୀ ମିଶ୍ର କହିଛନ୍ତି, ଏନେଇ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଅବଗତ କରାଇବି। ତେବେ ଘଟଣା ସମ୍ପର୍କରେ କିଛି ଜାଣି ନାହିଁ ବୋଲି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି।



# ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଲେ ଜଗଦେବ

ଖୋର୍ଦ୍ଧା,୨୧।୫ (ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ହେବ। ଏହାର ଅବ୍ୟବହିତ ପୂର୍ବରୁ ଖୋର୍ଦ୍ଧା ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ। ନିର୍ବାଚନରେ ଜିତିବା ପାଇଁ ବିଜେଡିକୁ ପୋଲିସ ସହାୟତା କରୁଛି। ସିଧାସଳଖ ଭାବେ ଜଣେ ଡିଏସ୍‌ପିଙ୍କ ନାଁ ନେଇ ତାଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ଜଗଦେବ। ଭାଜପା କର୍ମୀଙ୍କୁ ମେସେଜ କରି ବିଜେଡିରେ ସାମିଲ ହେବା ପାଇଁ ଧମକ ଦେଉଛନ୍ତି। ବିଜେଡିର ଏଜେଣ୍ଟଭାବେ ସେ କାମ କରୁଛନ୍ତି ବୋଲି ମଙ୍ଗଳବାର ପଲ୍ଲା ନିକଟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜଗଦେବ ଏହା କହିଛନ୍ତି। ଆସନ୍ତା ୨୩ତାରିଖରେ ନିର୍ବାଚନୀ ପ୍ରଚାର ଶେଷ ଦିବସ ରହିଛି। ଏହା ପୂର୍ବରୁ ପୋଲିସ ନିଜ କାର୍ଯ୍ୟକଳାପରେ ପରିବର୍ତ୍ତନ ନ ଆଣିଲେ, ୨୪ ତାରିଖରେ ଶତାଧିକ କର୍ମୀଙ୍କୁ ନେଇ ଟାଉନ ଥାନା ଏବଂ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଜଗଦେବ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ସୂଚନା ଦେଉଛନ୍ତି।

ସେ ଆହୁରି କହିଛନ୍ତି, ଖୋର୍ଦ୍ଧା ସମେତ ବିଭିନ୍ନ ଜିଲାରେ ଲଘୁ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ସେଥିରେ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଛି। ଏହାର ସମସ୍ତ ଦସ୍ତାବିଜ ପ୍ରସ୍ତୁତ ହୋଇସାରିଛି। ଜୁନ ୧୦ପରେ ଇଡି ମାଧ୍ୟମରେ ଏହାର ସମ୍ପୂର୍ଣ୍ଣ ଖୋଳତାଡ଼ ହେବ। ଏ ସମ୍ପର୍କରେ ଡିଆଇଜି(ଏସ୍‌ପି) ଅବିନାଶ କୁମାର କହିଛନ୍ତି, ଇସିଆଇ ନିର୍ବାଚନ ପରିଚାଳନା ପାଇଁ ଏମ୍‌ସିସି ଜାରି କରିଛନ୍ତି। ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯାଉଛି। କୌଣସି ପୋଲିସ ଅଧିକାରୀ ଏମ୍‌ସିସି ଉଲ୍ଲଂଘନ କରୁଥିବା ନଜରକୁ ଆସିଲେ, ତାହାର ତଦନ୍ତ କରାଯିବ। ନିର୍ବାଚନ ସମୟରେ କେହି ବି ଆଇନ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ପ୍ରଶାନ୍ତ ଜଗଦେବ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ମତଦାନ ପୂର୍ବରୁ ଥାନା, ଏସ୍‌ଡିପିଓ ଏବଂ ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଆକ୍ରମଣ କରିବେ ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି। ତେଣୁ କିପରି ଆସନ୍ତା ୨୫ ତାରିଖରେ ଶୃଙ୍ଖଳିତ ଭାବେ ନିର୍ବାଚନ ହେବ ସେଥିଲାଗି କମିଶନଙ୍କୁ ଅବଗତ କରାଇଛି ବିଜେଡି। ସେପଟେ ଜଗଦେବଙ୍କ ଏଭଳି ବୟାନକୁ ନେଇ ବିଭିନ୍ନ ମହଲରେ ଆଲୋଚନାର ବିନ୍ଦୁ ପାଲଟିଥିବା ବେଳେ ଖୋର୍ଦ୍ଧା କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ ଏହାର ତୀବ୍ର ବିରୋଧ କରିଛନ୍ତି। ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଯଦି ଜଗଦେବ ନିର୍ବାଚନ ପୂର୍ବରୁ ଏଭଳି ଧମକ ଦେଉଛନ୍ତି, ତେବେ ଜିତିବା ପରେ କ'ଣ କରିବେ, ତାହା ଆଚରଣରୁ ବାରି ହୋଇପଡୁଛି। ଭାଜପାରେ ଅପରାଧୀମାନଙ୍କ ସ୍ଥାନ ବଢିଯାଇଛି। କିଭଳି ଶାନ୍ତିଶୃଙ୍ଖଳାର ସହ ମତଦାନ ହେବ, ଏଥିଲାଗି ଜିଲା ପ୍ରଶାସନ, ପୋଲିସ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

**ସାରଦାଙ୍କ ସହ ସାମିଲ ହେଲେ ଲଳିତଗିରି ପଞ୍ଚାୟତର କର୍ମୀ**

ମାହାଙ୍ଗା,(ଯଯାତି ସିଂହ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତର ବହୁ କର୍ମୀ ଅନ୍ୟ ଦଳ ଛାଡି ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ସହ ସାମିଲ ହୋଇଛନ୍ତି। ପ୍ରଧାନଙ୍କ ଉପରେ ଭରସା କରି ଲଳିତଗିରି ପଞ୍ଚାୟତର ବହୁ କର୍ମୀ ଅନ୍ୟ ଦଳ ଛାଡି ତାଙ୍କ ସହ ଯୋଗଦେଇଥିଲେ। ପ୍ରଧାନ ନବାଗତ କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଯୁବନେତା ସନ୍ଦୀପ ସିଂହ ଓ ସଂଗ୍ରାମ ସିଂହଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତିସଭ୍ୟ ଧ୍ରୁବଚରଣ ସାମଲ, ଜିତେନ୍ଦ୍ର ଶତପଥୀ, ନିର୍ମଳ ରାଉତ, ଯଯାତି ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଯୁକ୍ତ ପ୍ରାର୍ଥୀ ବାଛିବା ସମସ୍ତଙ୍କ କର୍ତ୍ତବ୍ୟ

**କଟକ,୨୧।୫ (ଦିବାକର ସାହୁ): ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଭୋଟରମାନଙ୍କ ପାଖରେ ପହଞ୍ଚିବାକୁ ପ୍ରାର୍ଥୀମାନେ ଉଦ୍ୟମ ଚଳାଇଛନ୍ତି। ଏପରି କି ଲୋକମାନଙ୍କ ପାଖରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ନିର୍ବାଚନ ଜିତିଲେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ହୋର୍ଡିଂ ସହ କାନ୍ଥରେ ପୋଷ୍ଟର ମରାଯାଇଛି। ହେଲେ ଭୋଟର ସେମାନଙ୍କ ପ୍ରଲୋଭନରେ ନ ପଡ଼ି ଦେଶର ଭବିଷ୍ୟତକୁ ଦୃଷ୍ଟିରେ ରଖି ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି।**



“ବିଭିନ୍ନ ଦଳର ପ୍ରାର୍ଥୀ ନିର୍ବାଚନ ଜିତି ଯେତେବେଳେ କ୍ଷମତା ପାଇଯାନ୍ତି, ସେତେବେଳେ ସେମାନଙ୍କ ଅଧୀନରେ ଥିବା କୁଜିନେତାଙ୍କ କଥା କହିଲେ ନ ସରେ। ନେତାଙ୍କ ପାଖକୁ ଯିବାକୁ ହେଲେ ପ୍ରଥମେ ସେମାନଙ୍କୁ ହାତ କରିବାକୁ ପଡ଼େ। ନ ହେଲେ କାର୍ଯ୍ୟ ହୁଏନି। ତେଣୁ ସେଥିପ୍ରତି ଧ୍ୟାନ ଦେଇ ଲୋକେ ଏବେ ପ୍ରାର୍ଥୀମାନଙ୍କୁ ଏହି ସମସ୍ୟା ଜଣାନ୍ତୁ। ଲାଞ୍ଚ ନେଉଥିବା କୁଜିନେତାଙ୍କ ବିରୋଧରେ ସ୍ୱର ଉଠାନ୍ତୁ। ଯେଉଁ ପ୍ରାର୍ଥୀ ଏହି ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି, ତାଙ୍କୁ ଲୋକେ ଭୋଟ ଦେଲେ ଭଲ ହେବ।

**କିରଣ ଶେଖର ଜେନା, ଯୁବ ଭୋଟର**



“ଭାରତର ଜନସଂଖ୍ୟା ପାଖାପାଖି ୧୪୦ କୋଟି ଆଡ଼କୁ ଅଗ୍ରସର ହେଉଛି। ଏତେବଡ଼ ରାଷ୍ଟ୍ରରେ ଶାସନ ପାଇଁ ନିର୍ବଚନ ହେଉଛି ଏକମାତ୍ର ଉପାୟ। କିଛି ଅସାଧୁ ଦଳ ନିର୍ବାଚନକୁ ଏକପାଖିଆ କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ରାଜନୈତିକ ଦଳକୁ ତଳକୁ ଖସାଇ ଏକଚାଟିଆ ଶାସନ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏଥିପ୍ରତି ନିର୍ବାଚନ କମିଶନର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ। ଫଳରେ ନିର୍ବାଚନ ସଫଳ ହୋଇପାରିବ।

**ପ୍ରମୋଦ କୁମାର ମଲ୍ଲିକ, ରାଜନୀତି ବିଜ୍ଞାନ ଛାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ**



“ଜଣେ ସଚେତନ ନାଗରିକ ହିସାବରେ ଭୋଟ ଦେବା ସମସ୍ତଙ୍କର କର୍ତ୍ତବ୍ୟ। କାରଣ ଆମର ଗୋଟିଏ ଭୋଟ ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି। ଭାରତକୁ ବିଶ୍ୱରେ ଏକ ନମ୍ବରରେ ପହଞ୍ଚାଇବା ପାଇଁ ସ୍ୱଚ୍ଛ ସରକାରର ଆବଶ୍ୟକତା ରହିଛି। ଆଉ ଏହି ସରକାର ଗଠନ କରିବାରେ ଆମ ଭୋଟ ଗୁରୁତ୍ୱପୂର୍ଣ୍ଣ, ଯାହାଦ୍ୱାରା ଦେଶ ଆଗକୁ ବଢ଼ିବ।

**ଶୁଚିସ୍ମିତା ନାୟକ, ଯୁବ ଭୋଟର**



“ଏଥର ନିର୍ବାଚନରେ ପ୍ରଥମକରି ଭୋଟ ଦେବାକୁ ଥିବାରୁ ଭାରି ଖୁସି ଲାଗୁଛି। ପ୍ରାର୍ଥୀମାନେ ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ଜିତିଲା ପରେ ସେସବୁ ଭୁଲିଯାଆନ୍ତି। ତେଣୁ ଯେଉଁ ପ୍ରାର୍ଥୀ ଲୋକଙ୍କ ଅସୁବିଧା ବୁଝିବା ସହ ସେମାନଙ୍କ ସମସ୍ୟାକୁ ବିଧାନସଭା ଓ ଲୋକ ସଭାରେ ଉପସ୍ଥାପନ କରିପାରିବ, ତାଙ୍କୁ ଭୋଟ ଦେବା ଦରକାର।

**ଦିବ୍ୟାଭାରତୀ ଶଙ୍ଖୁଆ, ଛାତ୍ରୀ, ଏସ୍‌ସିବି ମେଡିକାଲ କଲେଜ**



“ଜଣେ ପ୍ରାର୍ଥୀଙ୍କ ଭିତରେ ସହନଶୀଳତା, ଦକ୍ଷତା ଏବଂ ଦୂରଦୃଷ୍ଟିର ଏକ ମିଶ୍ରଣ ଗୁଣ ରହିବା ଆବଶ୍ୟକ। ଫଳରେ ସେମାନଙ୍କୁ ସମସ୍ୟା ସମାଧାନରେ ସହାୟକ ହେବ। ନିର୍ବାଚନ ସମୟରେ ନେତା ଅନେକ ପ୍ରତିଶ୍ରୁତି ଦେବେ। ଲୋକମାନେ ସେଥିରେ ଭାସି ନ ଯାଇ ନିଜ ଅଞ୍ଚଳର ସମସ୍ୟାକୁ ଦୃଢ଼ ଭାବରେ ସେମାନଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଯେଉଁ ଦଳ ସରକାରକୁ ଆସିଲେ ସେମାନଙ୍କ ସମସ୍ୟା ଦୂର ହେବ ବୋଲି ଭାବୁଛନ୍ତି ସେହି ଦଳର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ।

**ଆଶୁତୋଷ ଦେବତା, ଯୁବ ଭୋଟର**

# ଆଜି ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

**କଟକ,୨୧।୫(ଶିଳ୍ପା ପ୍ରିୟଦର୍ଶିନୀ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଟକ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୪ଟା ୨୦ ମିନିଟ୍‌ରେ ହେଲିକପ୍ଟର ଯୋଗେ ତଳବାଲିଯାତ୍ରା ପଡ଼ିଆରେ ପହଞ୍ଚିବେ। ପରେ ସେଠାରେ ଆୟୋଜିତ ଜନସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ନିର୍ବାଚନୀ ପ୍ରଚାର କରିବେ। ଏହି ସଭାରେ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡ଼ମ୍ବା ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ଓ ଜିଲା ପରିଷଦ ଅଧ୍ୟକ୍ଷ ଉପସ୍ଥିତ ରହିବେ। ଉକ୍ତ ସଭାରେ ମୁଖ୍ୟମନ୍ତ୍ରୀ କଟକବାସୀଙ୍କୁ ସମ୍ବୋଧନ କରିବେ ବୋଲି ବିଜେଡି ପକ୍ଷରୁ ସୂଚନା ମିଳିଛି।

# ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ପରେଖଙ୍କୁ ସମ୍ବର୍ଦ୍ଧନା



ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ବରିଷ୍ଠ ଆଇନଜୀବୀ ପରେଖଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କଟକ, ୨୧।୫(କାର୍ତ୍ତିକ ସାହୁ)**

ତିନିଦିନିଆ ଓଡ଼ିଶା ଗସ୍ତରେ ଥିବା ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ତଥା ୬ଥର ସୁପ୍ରିମକୋର୍ଟବାର୍‌ଆସୋସିଏଶନର ସଭାପତି ଏବଂ ଆଇଏସ୍‌ଆଇଏଲ୍‌ର ସଭାପତି ପ୍ରବୀଣ ଏଚ୍. ପରେଖଙ୍କୁ ଓଡ଼ିଶା ଆଇନଜୀବୀ ପରିଷଦ, କଟକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଆଇନଜୀବୀ ପରିଷଦର ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତି, ହାଇକୋର୍ଟ ବରିଷ୍ଠ ଆଇନଜୀବୀ ତଥା ଆଇନଜୀବୀ ପରିଷଦର ସଦସ୍ୟ ଦେବୀପ୍ରସାଦ ଧଳ, ସଦସ୍ୟ ଧନଞ୍ଜୟ ମୁଣ୍ଡ, ଦିନେଶ ଚନ୍ଦ୍ର ରାୟ, ସଞ୍ଜିତ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ଅରୁପା ନନ୍ଦ ଦାସ, ଲକ୍ଷ୍ମୀ ନାରାୟଣ ପଟେଲ, ତପନ କୁମାର ବିଶ୍ୱାଳ, ମାନସ ଚାନ୍ଦଙ୍କ ସହ ଆଇନଜୀବୀ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣା, ୨ ଗୁରୁତର

**କଟକ,୨୧।୫ (ଦିବାକର ସାହୁ)**

କଟକ-ଭୁବନେଶ୍ୱରକୁ ସଂଯୋଗ କରୁଥିବା ତ୍ରିଶୂଳିଆ ବ୍ରିଜ୍‌ରେ ଏକ କାର୍ ୨ଟି ଗାଡ଼ିକୁ ଧକ୍କା ଦେଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏକ କାର୍ ତ୍ରିଶୂଳିଆ ବ୍ରିଜ୍ ଦେଇ କଟକ ଆଡ଼କୁ ଆସୁଥିଲା। କାର୍‌ଟି ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବାବେଳେ ବିପରୀତ ପଟରୁ ଯାଉଥିବା ବୁଲେଟ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ, କାର୍‌ର ଡାହାଣପାର୍ଶ୍ୱ ଆଗ ଚକ ବାହାରି ଯାଇଥିଲା। ଫଳରେ କାର ଭାରସାମ୍ୟ ହରାଇ ଜୁଡିସିଆଲ ଏକାଡେମୀ ପଟରୁ ଆସୁଥିବା ଜଣେ ପାଉଁରୁଟି ବ୍ୟବସାୟୀଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପାଉଁରୁଟି ବ୍ୟବସାୟୀ ଗୁରୁତର ହୋଇଥିବାବେଳେ ବୁଲେଟ୍ ଚାଳକ ଆହତ ହୋଇଛନ୍ତି। ବୁଲେଟ୍ ଚାଳକ କଟକ ସଦର ଥାନା ଅଧୀନ କଜିପାଟଣା ଅଞ୍ଚଳରର ବଷ୍ଟି ନାୟକ ହୋଇଥିବାବେଳେ ପାଉଁରୁଟି ବ୍ୟବସାୟୀଙ୍କ ପରିଚୟ ଜଣାପଡ଼ିନାହିଁ। ମର୍କତନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିବା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି।

### କାର୍‌ରୁ ମଦ, ଟଙ୍କା ଜବତ

**ଖୁଣ୍ଟୁଣୀ,୨୧।୫(ସଚ୍ଚିଦାନନ୍ଦ ପଣ୍ଡା)**

ଗୁରୁଡ଼ିଝଟିଆଠାରେ ମଙ୍ଗଳବାର ଯାନବାହନ ଯାଞ୍ଚବେଳେ ଏକ କାର୍‌ରୁ ୩ ପେଟି ମଦ ସହ ଚାଳକଙ୍କଠାରୁ ୧୮,୫୦୦ ଟଙ୍କା ପୋଲିସ ଜବତ କରିଛି। ଏଥିସହ କାର୍ ଚାଳକ ଜ୍ଞାନରଞ୍ଜନ ପରିଡ଼ାଙ୍କୁ ଅଟକ ରଖାଯାଇଥିବା ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି। ଅପରାହ୍ନରେ ମାଜିଷ୍ଟ୍ରେଟ ପ୍ରତିଶ୍ରୀ ନାୟକ ଯାନବାହନ ଯାଞ୍ଚ କରୁଥିବାବେଳେ ଛଅଗାଁ ପଞ୍ଚାୟତର ତୁଷାରଙ୍କ କାର୍ ସେହି ବାଟେ ଯାଉଥିଲା। ପୋଲିସ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ମଦ ପେଟି ଥିବା ଦେଖିବାକୁ ପାଇଥିଲା। ଅଧିକ ଯାଞ୍ଚ କରିବାରୁ ଚାଳକ ପାଖରୁ ଉପରୋକ୍ତ ଟଙ୍କା ବାହାରିଥିଲା। ଏ ନେଇ ଥାନାରେ ୨ ଜଣଙ୍କ ନାଁରେ ଏକ ମାମଲା(ନଂ.୧୦୫/୨୪) ରୁଜୁ ହୋଇଛି।



କଟକ ଯୋବ୍ରା ଆନିକଟ ରାସ୍ତାପାର୍ଶ୍ୱରେ ଲିଚୁଫଳ ସତେଜ ରଖିବା ପାଇଁ ବ୍ୟବସାୟୀ ଜଳ ସିଞ୍ଚନ କରୁଛନ୍ତି।

# ନାବାଳିକା ଅସଦାଚରଣ ମାମଲା: ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

**କଟକ,୨୧।୫ (କାର୍ତ୍ତିକ ସାହୁ)**

୫ ବର୍ଷର ଜଣେ ବାଳିକାଙ୍କୁ ଅସଦାଚରଣ କରିବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ପ୍ରଦାନ ନିମନ୍ତେ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମାହାଙ୍ଗା ଥାନା ଅଧୀନ ମଧୁପୁର ଗ୍ରାମର ରାଜୁ ଓରଫ ରାଜେନ୍ଦ୍ର ଜେନା।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଫେବୃଆରୀ ୮ ଅପରାହ୍ନରେ ନାବାଳିକା ଜଣକ ତାଙ୍କ ଘର ପାଖରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଚକୋଲେଟ୍ ଦେବା ବାହାନାରେ ଘରକୁ ଡାକିନେଇ ଅସଦାଚରଣ କରୁଥିବାବେଳେ ନାବାଳିକାଙ୍କ ମା’ ଆସିଯାଇଥିଲେ। ଅଭିଯୁକ୍ତ ତାଙ୍କୁ ହତ୍ୟା ଧମକ ଦେଇ ସେଠାରୁ ଖସି ପଳାଇଥିଲେ। ଏନେଇ ନାବାଳିକାଙ୍କ ମା’ ମାହାଙ୍ଗା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ତଥା ଆଡ୍‌ହକ ଅତିରିକ୍ତ ଜିଲା ସେସନ୍ସ ଜଜ୍ ମାମଲାର ବିଚାରକରି ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଏସ୍.ପି. ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ବର୍ଷ ଲେଖାଏ ଜେଲଦଣ୍ଡ

**କଟକ,୨୧।୫ (କାର୍ତ୍ତିକ ସାହୁ)**

ଗଞ୍ଜେଇ ଚୋରା କାରବାର ମାମଲାରେ କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ୨ ଚାଲାଣକାରୀଙ୍କୁ ୧୦ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ କରିଛନ୍ତି। ଏଥିସହ ସେମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ପ୍ରଦାନ ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତରପ୍ରଦେଶ ବାଘପାଟ ଜିଲାର କୁଲଦୀପ ରଣା ଓ ସଚିନ କୁମାର।

ସୂଚନା ଅନୁସାରେ, ୨୦୨୨ ଜୁଲାଇ ୧୦ ସକାଳେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏକ କାର୍ ଜଗତ୍‌ପୁରରୁ ଟାଙ୍ଗୀ ଅଭିମୁଖେ ଦ୍ରୁତଗତିରେ ଯାଉଥିବାବେଳେ ଅବକାରୀ ବିଭାଗ କର୍ମଚାରୀମାନଙ୍କର ସନ୍ଦେହ ହୋଇଥିଲା। ଅବକାରୀ ଇନ୍ସପେକ୍ଟର ସତ୍ୟଜିତ୍ ଖଟୁଆ ସଦଳବଳ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୮୧ କିଲୋ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ଅବକାରୀ ଟିମ୍ ଅଭିଯୁକ୍ତ କୁଲଦୀପ ଓ ସଚିନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ବିଚାର ହୋଇଥିଲା। ୩ଜଣ ସାକ୍ଷୀ ଓ ୩୦ଟି ପ୍ରମାଣକୁ ଆଧାରକରି ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ସ୍ରୋତସ୍ୱିନୀ କର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି କାରାଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଦେବାଶିଷ ସାମନ୍ତରାୟ ମାମଲା ପରିଚାଳନା କରୁଥିବାବେଳେ ବିଶ୍ୱଜିତ୍ ବରାଳ ସହଯୋଗ କରିଥିଲେ।

# ଆଜିଠୁ ହୋମ୍ ପୋଷ୍ଟାଲ ଭୋଟିଂ

**କଟକ,୨୧।୫ (କାର୍ତ୍ତିକ ସାହୁ)**

କଟକ ଜିଲା ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ’ ୨୨ରୁ ୨୪ ପର୍ଯ୍ୟନ୍ତ ହୋମ୍ ପୋଷ୍ଟାଲ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ମୋଟ୍ ୬୯ଜଣ ମତଦାତା ଆବେଦନ କରିଛନ୍ତି। ଏହାଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ଭୋଟର ଯେଉଁମାନେ ୧ ତାରିଖରେ ପୋଲିଂ ବୁଥ୍‌କୁ ଯାଇ ଭୋଟ ଦେଇପାରିବେ ନାହିଁ, ୮୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକ ଓ ୪୦ ପ୍ରତିଶତରୁ ଅଧିକ ଶାରୀରିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଭୋଟର ପୋଷ୍ଟାଲ ବାଲଟ ମାଧ୍ୟମରେ ନିଜ ଘରେ ମତଦାନ କରିବେ। ୨୨ରୁ ୨୪ ତାରିଖ ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ପୋଲିଂ ଅଧିକାରୀମାନେ ସମ୍ପୃକ୍ତ ଭୋଟରଙ୍କ ଘରକୁ ଯାଇ ସେମାନଙ୍କ ଭୋଟ ସଂଗ୍ରହ କରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଭାରତୀୟ ନିର୍ବାଚନ ଆୟୋଗ ଘରୁ ଭୋଟିଂ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି।

# ଶଙ୍କରେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଟିଗିରିଆ,୨୧।୫(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ୩ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସୋମବାର ମନ୍ଦିର ପରିସରରେ ଅଙ୍କୁରାରୋପଣ ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ଶ୍ରୀଶ୍ରୀ ଯଜ୍ଞ ନାରାୟଣ ଦେବଙ୍କ ଚଳନ୍ତି ପ୍ରତିମାକୁ ରୋଶଣିରେ ଗ୍ରାମ ପରିକ୍ରମା କରାଯାଇଥିଲା। ଠାକୁରଙ୍କ ପ୍ରତିମା ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାବିଧି ସମ୍ପନ୍ନ ହୋଇଥିଲା ବୋଲି ଯଜ୍ଞ ଆଚାର୍ଯ୍ୟ ପଣ୍ଡିତ ଅବିନାଶ ଦାଶ ସୂଚନା ଦେଇଛନ୍ତି। ଯଜ୍ଞ ପରିଚାଳନାରେ ଶ୍ୟାମସୁନ୍ଦର ମିଶ୍ର, ପଣ୍ଡିତ ପ୍ରଦୀପ ମିଶ୍ର, ହୃଷୀକେଶ ମିଶ୍ର, ପ୍ରଭାକର ମହାପାତ୍ର, ମନୋରଞ୍ଜନ ମିଶ୍ର, ରାଜେନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ସଞ୍ଜୟ ଦାଶ, ତ୍ରିବିକ୍ରମ ଦାଶ, ଶିବପ୍ରସାଦ ଦାଶ, ଦେବରାଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ୬ ପଞ୍ଚାୟତରେ ବିଜେଡିର ବାଇକ୍ ଶୋଭାଯାତ୍ରା

**ବାଙ୍କୀ,୨୧।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ୩୪ନମ୍ବର ଜୋନ୍‌ର ୬ ପଞ୍ଚାୟତରେ ମୋଟରସାଇକେଲ ଦ୍ୱାରା ଘରକୁ ଘର ବୁଲି ବାଙ୍କୀ ବିଜେଡି ପକ୍ଷରୁ ଭୋଟ ପ୍ରଚାର କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, କଟକ ଏମ୍‌ପି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଯୋଗଦେଇ ବୈଦ୍ୟେଶ୍ୱର ପଞ୍ଚାୟତ, ବଳଭଦ୍ରପୁର, ଜଗନ୍ନାଥପୁର, କେନ୍ଦୁପଲ୍ଲି, କାଳିପୋଇ ଏବଂ ପୁଇଁଚା ଆଦି ପଞ୍ଚାୟତ ବୁଲି ଲୋକ ସମସ୍ୟା ବୁଝିବା ସହ ନିର୍ବାଚନରେ ତାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଭୋଟରମାନଙ୍କୁ ବିଜେଡିକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଶୋଭାଯାତ୍ରରେ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ବାଙ୍କୀ ବିଜେଡି ସଭାପତି ଅନନ୍ତ ଚରଣ ଦାସ, କାହ୍ନୁଚରଣ ସିଂହ, ସୁବାସ ସ୍ୱାଇଁ, ଭାଗୀରଥି ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ‘ସହରର ଉନ୍ନତି ପାଇଁ ମିଳିମିଶି କାମ କରିବା’

**କଟକ,୨୧।୫(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି)ର ୩୩ ନମ୍ବର ୱାର୍ଡ ଅଧୀନ କେଶରପୁରଠାରେ କଂଗ୍ରେସ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କଟକ ସହରକୁ ଉନ୍ନତି ଏବଂ ବିକାଶ ପଥରେ ଆଗେଇନେବା ସହ କଟକର ଭାଇଚାରାକୁ ବିଶ୍ୱରେ ପହଞ୍ଚାଇବା ନିମନ୍ତେ ସମସ୍ତେ ମିଳିମିଶି କାମ କରିବା ପାଇଁ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ ତୃଣମୂଳସ୍ତରରୁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ କଂଗ୍ରେସର ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଓ ଅନ୍ୟମାନେ।

# ଉର୍ଦ୍ଦୁ ପାଠାଗାର ପୁନରୁଦ୍ଧାର ହେବ: ପ୍ରକାଶ

**କଟକ,୨୧।୫(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୬ ଓ ୧୭ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ମଙ୍ଗଳବାର ପଦଯାତ୍ରା କରି ନିର୍ବାଚନୀ ପ୍ରଚାର କରିଛନ୍ତି। ୱାର୍ଡ ନଂ.୧୬ର ବରହମ୍ପୁର ବସ୍ତି ଏବଂ ଡିଅର ପାର୍କ ବସ୍ତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ୱାର୍ଡ ନଂ.୧୭ର ସୂତାହାଟ ଛକରୁ ପଦଯାତ୍ରା ବାହାରି ମହାନ୍ତି ଲେନ୍, ପଟାପୋଲ ଛକ ଦେଇ ପାନ୍ଥନିବାସରେ ଶେଷ ହୋଇଥିଲା। ପଦଯାତ୍ରା ସମୟରେ ସ୍ଥାନୀୟ ମୁସ୍‌ଲିମ ସମ୍ପ୍ରଦାୟ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରକାଶ ଆଲୋଚନା କରିଛନ୍ତି। ଉର୍ଦ୍ଦୁ ପାଠାଗାର ଅବ୍ୟବସ୍ଥା ସମ୍ପର୍କରେ ପ୍ରକାଶଙ୍କୁ ଲୋକେ ଅବଗତ କରାଇଥିଲେ। ଏହାର ପୁନରୁଦ୍ଧାର ପାଇଁ ପ୍ରକାଶ ପ୍ରତିଶ୍ରୁତି ଦେଇଛନ୍ତି। ପରେ ୧୩, ୧୯ ଓ ୨୩ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ପ୍ରକାଶ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାରେ ସିଏମ୍‌ସି ମେୟର ସୁବାସ ସିଂ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଏ. ଶ୍ରୀଦେବୀ, ସତ୍ୟରଞ୍ଜନ ତ୍ରିପାଠୀ, ୱାର୍ଡ ସଭାପତି ଚିତ୍ତରଞ୍ଜନ ସାମନ୍ତରାୟ, ବିଶ୍ୱନାଥ ଦାସ, ଶେଖ୍ ଫୟାଜ ବକ୍ସ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ଥିଲେ।



ସୂତାହାଟ ଅଞ୍ଚଳରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ପ୍ରଚାର କରୁଛନ୍ତି।

